

ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



■ ୩ ରାଜ୍ୟର ନିର୍ବାଚନୀ ଫଳାଫଳକୁ ନେଇ ଉତ୍‌ଫୁଲିତ କଂଗ୍ରେସ

# ନିରାଶ ଭାଜପା, ଅଙ୍କକଷା ଆରମ୍ଭ

ଯାଜପୁର ଅଫିସ,୧୨।୧୨

**ଯାଜପୁର ଜିଲ୍ଲା**
■ଜିଲ୍ଲା ଭାଜପାର ଅଗ୍ରଗତି ଉପରେ ପଡ଼ିପାରେ ପ୍ରଭାବ
■ଆହୁରି ସୁଦୃଢ଼ ହେବାକୁ ବିଜେଡି ପ୍ରୟାସରତ

ରାଜସ୍ଥାନ, ଛତିଶଗଡ ଓ ମଧ୍ୟପ୍ରଦେଶରେ କଂଗ୍ରେସର ଉତ୍‌ଥାନ ପରେ ଓଡ଼ିଶା ରାଜ୍ୟ କଂଗ୍ରେସରେ ଖୁସିର ଲହରି ଖେଳିଯାଇଛି। କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ନୂତନ ଆଶା ସଂଚାରିତ ହୋଇଛି। ଏହା ଯାଜପୁର ଜିଲାରେ ମଧ୍ୟ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଭାଜପା କର୍ମୀଙ୍କ ମଧ୍ୟରେ ନିରାଶାଭାବ ପ୍ରତିଫଳିତ ହୋଇଛି। ଏହାପରେ ଜିଲାରେ ରାଜନୈତିକ ଦଳ ମଧ୍ୟରେ କଳ୍ପନାଜଳ୍ପନା ଓ ଅଙ୍କକଷା ଆରମ୍ଭ ହୋଇଛି। ଗତ ପଞ୍ଚାୟତ ନିର୍ବାଚନର ଜନମତକୁ ଜିଲାରେ ରାଜନୈତିକ ସ୍ଥିତିରେ ଏକ ମୋଟାମୋଟି ମାପଦଣ୍ଡ ଭାବେ ନିଆଗଲେ ରାଜନୈତିକ ଦଳଗୁଡ଼ିକର ଜନାଧାର ବିଶେଷ ଏପଟସେପଟ ହୋଇନାହିଁ ବୋଲି କୁହାଯାଇପାରେ। ତେବେ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ବିଜେଡିର ଜନସମ୍ପର୍କ ଅଭିଯାନ ଓ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ବିଜେଡି ଆହୁରି ଶକ୍ତିଶାଳୀ ହୋଇଥିବା ମନେହୋଇଛି। ଅନ୍ୟପକ୍ଷେ କଂଗ୍ରେସର ତୃଣମୂଳସ୍ତରରେ ସଂଗଠନ ସେତେଟା ବୃଦ୍ଧି ପାଇ ନ ଥିଲେ ହେଁ କେତେକ ସ୍ଥାନରେ ଲୋକଙ୍କ ନିକଟବର୍ତ୍ତୀ ହେଉଥିବା ଦେଖିବାକୁ ମିଳିଛି। ଏହି ୩ ରାଜ୍ୟର ଫଳାଫଳ ପରେ ଜିଲାରେ ଭାଜପାର ଅଗ୍ରଗତି ଉପରେ ନିଶ୍ଚିତ ଭାବେ ପ୍ରଭାବ ପଡିବ ବୋଲି ରାଜନୈତିକ ସମୀକ୍ଷକମାନେ ମତପୋଷଣ କରୁଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଜିଲାର ଦୁଇ ସହରାଞ୍ଚଳର ପ୍ରାୟ ୭୦ ହଜାର ଭୋଟ ବ୍ୟତୀତ ଗ୍ରାମାଞ୍ଚଳ ଭୋଟହାରକୁ ଅବଲୋକନ କଲେ ବିଜେଡି ୫୦.୬୯ ପ୍ରତିଶତ, ଭାଜପା ୩୧.୩୯ ପ୍ରତିଶତ ଓ କଂଗ୍ରେସ ୧୬.୫୪ ପ୍ରତିଶତ ଭୋଟ ହାତେଇ ଥିଲେ। ତେବେ ଗତ ୨୦୧୪ ସାଧାରଣ ନିର୍ବାଚନରୁ ଭାଜପା ପଞ୍ଚାୟତ ନିର୍ବାଚନରେ ୧୬ ପ୍ରତିଶତ ଅଧିକ ଭୋଟ ପାଇଥିଲା। କଂଗ୍ରେସ ୬ପ୍ରତିଶତ ଏବଂ ବିଜେଡି ୫ପ୍ରତିଶତ ଭୋଟକୁ ଖସିଥିଲା। ଏହାପରେ ନିଜ ସପକ୍ଷରେ ଜନମତର ହାୱା ବଢୁଛି ବୋଲି ଧରିନେଇ ଭାଜପା ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲା। ଜିଲା ଭାଜପା ସଭାପତି ଗୌତମ ରାୟ ଓ ଜିଲା ଯୁବମୋର୍ଚ୍ଚା ସଭାପତି ଆଲେକଜାଣ୍ଡାର ଦାସଙ୍କ ନେତୃତ୍ୱରେ କେତେକ ଦୁର୍ନୀତିମୂଳକ କାର୍ଯ୍ୟ ବିରୋଧରେ ଆନ୍ଦୋଳନ ଓ ପ୍ରତିବାଦ ସଭା କରାଯାଉଛି। ଏହାସହ ପଞ୍ଚାୟତ ନିର୍ବାଚନ ପରେ ବରୀରେ ବିଶ୍ୱରଞ୍ଜନ ମଲ୍ଲିକ, ବଡ଼ଚଣାର ଅମର ନାୟକ, ଧର୍ମଶାଳାରେ ସୁରେନ୍ଦ୍ର କୁମାର ପଣ୍ଡା, କୋରେଇରେ ବିଶ୍ୱଜିତ ନାୟକ, ବିଞ୍ଝାରପୁରରେ ବବିତା ମଲ୍ଲିକ, ସୁକିନ୍ଦାରେ ପ୍ରଦୀପ ବଳସାମନ୍ତ ନୂତନ ଭାବେ ସାମିଲ ହୋଇ ଜିଲା ଭାଜପାକୁ ଏକ ନୂତନ ଦିଗ ଦେଖାଇଛନ୍ତି। କିନ୍ତୁ ଭାଜପାର ମୂଳ ସଂଗଠନ ଓ କୋଣଠେସା ନେତାଙ୍କ ମଧ୍ୟରେ ହୋଇଥିବା ଫାଟର ଏଯାଏ ଅନ୍ତ ହୋଇନାହିଁ। ଏହା ଜିଲା ଭାଜପାର ସାଂଗଠନିକ ଦକ୍ଷତା ଯେଉଁଭଳି ବଢିବା କଥା ତାକୁ ପ୍ରତିହତ କରିଛି। ଜିଲାର କୋରେଇ ନିର୍ବାଚନ ମଣ୍ଡଳୀରେ ବନ୍ଦିତା ପରିଡାଙ୍କ ନେତୃତ୍ୱରେ କିଛିଟା କାର୍ଯ୍ୟକ୍ରମ ଚାଲିଛି। ସେହିପରି ବଡଚଣା ନିର୍ବାଚନ ମଣ୍ଡଳୀରେ ଯୁବନେତା ଶୁଭେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ଆଖିଦୃଶିଆ ସାଂଗଠନିକ କାର୍ଯ୍ୟ ଜାରି ରହିଛି। ବାକି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ସ୍ଥିତି ସେତେଟା ଠିକ ନାହିଁ ବୋଲି ଧରାଯିବ। ଏଭଳି ସ୍ଥିତିରେ ଉପରୋକ୍ତ ୩ରାଜ୍ୟରେ କଂଗ୍ରେସର ବିଜୟ ଯାଜପୁର ଜିଲା କଂଗ୍ରେସ ପାଇଁ ଆଶୀର୍ବାଦ ବୃଥା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଜିଲାରେ ବରୀ ନିର୍ବାଚନ ମଣ୍ଡଳୀକୁ ବାଦ ଦେଲେ ବିଜେଡି ଜିଲାର ଅଧାରୁ ଅଧିକ ଭୋଟ ପାଇବା ସହିତ ୮ଟି ବ୍ଲକ ଓ ୩୩ଟି ଜିଲା ପରିଷଦ ଆସନକୁ ଦଖଲ କରି ଏବେ ବି ସୁଦୃଢ଼ ସ୍ଥିତିରେ ରହିଛି। ୨୭୦ରୁ ଅଧିକ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ବିଜୟୀ ହୋଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଭାଜପା ସଭାପତି ଗୌତମ ରାୟଙ୍କୁ ପଚାରିବାରେ ଉପରୋକ୍ତ ୩ ରାଜ୍ୟରେ ଭାଜପାର ପରାଜୟ ଯାଜପୁର ଜିଲାରେ କୌଣସି ପ୍ରଭାବ ପକାଇବ ନାହିଁ। ବରଂ ଏହା ଏକ ଶୁଭ ସୂଚନା। ଦୀର୍ଘଦିନ ଧରି ବିଜେଡି ଏଠାରେ ଶାସନ କରୁଥିବାରୁ ଲୋକ ସେହି ରାଜ୍ୟଗୁଡିକ ଭଳି ପରିବର୍ତ୍ତନ କରିବାକୁ ଆଗ୍ରହୀ ଅଛନ୍ତି ବୋଲି କହିଛନ୍ତି।

**ସଂକ୍ଷେପରେ**

## ଋଣ ବୋଝ ସହି ନ ପାରି ପରିବା ବ୍ୟବସାୟୀଙ୍କ ଆତ୍ମହତ୍ୟା

ରସୁଲପୁର,୧୨।୧୨(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡଙ୍ଗ ଗ୍ରାମର ପରିବା ବ୍ୟବସାୟୀ ବୈକୁଣ୍ଠ ମଲିକ(୪୮) ଋଣଭାର ସହି ନ ପାରି ବୁଧବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବୈକୁଣ୍ଠ ଓଡଙ୍ଗ ପରିବା ବଜାରରେ ଥିବା ଗୋଦାମରୁ ପରିବା ଆଣି ବ୍ୟବସାୟ କରୁଥିଲେ। ଏପରିକି ଗୋଦାମରୁ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ପରିବା ଆଣି ବ୍ୟବସାୟରେ ଲଗାଇଥିଲେ। ମାତ୍ର ବ୍ୟବସାୟରେ କ୍ରମାଗତ ଭାବେ କ୍ଷତି ହୋଇଥିଲା। ମଙ୍ଗଳବାର ଗୋଦାମର ନୂତନ ଖାତା ପୂଜା ଉତ୍ସବ ଥିବା ବେଳେ ଗୋଦାମ ମାଲିକ ବୈକୁଣ୍ଠଙ୍କୁ ସମସ୍ତ ବକେୟା ଟଙ୍କା ପରିଶୋଧ କରିବାକୁ ତାଗିଦ କରିଥିଲେ। ମାତ୍ର ଋଣ ପରିଶୋଧ କରିପାରୁ ନ ଥିବାରୁ ସେ ଗତ କିଛିଦିନ ଧରି ଚାପଗ୍ରସ୍ତ ଥିଲେ। ମଙ୍ଗଳବାର ସେ କୀଟନାଶକ ଔଷଧ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ପରିବାର ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ନିଆଯାଇଥିଲା। ମାତ୍ର ସେଠାରେ ବୈକୁଣ୍ଠଙ୍କର ବୁଧବାର ମୃତ୍ୟୁ ଘଟିଥିଲା। ଏହି ଘଟଣାଶ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ୩ ବାଲି ବୋଝେଇ ଟ୍ରାକ୍ଟର ଜବତ, ୬୪ହଜାର ଜରିମାନା ଆଦାୟ

ରସୁଲପୁର,୧୨।୧୨(ଡି.ଏନ.ଏ.): ରସୁଲପୁର ତହସିଲ ଅଧୀନ ଜାବରା ଓ ଯୋକଡିଆ ବାଲିଘାଟରୁ ବେଆଇନ ବାଲି ଚାଲାଣ ବେଳେ ବୁଧବାର ସକାଳେ ରସୁଲପୁର ତହସିଲଦାର ସରୋଜ କୁମାର ପଣ୍ଡା ଚଢ଼ାଉ କରି ୩ ଟ୍ରାକ୍ଟର ଜବତ କରି ୬୪ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗାଡ଼ି ମାଲିକ ତହସିଲରେ ପହଞ୍ଚି ଜରିମାନା ଦେବା ପରେ ତହସିଲଦାର ଗାଡ଼ିଗୁଡ଼ିକୁ ଛାଡ଼ି ଦେଇଛନ୍ତି। ତହସିଲଦାରଙ୍କ ପକ୍ଷରୁ ବେଆଇନ ବାଲି ଘାଟ ଉପରେ ଘନଘନ ଚଢାଉ ଫଳରେ ଚୋରା ବାଲି ଚାଲାଣକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଘଟଣାରୁ ପ୍ରକାଶ ଯେ, ରସୁଲପୁର ବ୍ଲକର ଉଭୟ ପାର୍ଶ୍ୱରେ ଥିବା ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବିଭିନ୍ନ ସ୍ଥାନରୁ ବ୍ୟାପକ ବାଲି ଚାଲାଣ ହେଉଛି। ଏ ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ଆଧାରରେ ତହସିଲଦାର ଗତ ଦୁଇଦିନ ଧରି ବାଲିଘାଟ ଉପରେ ଚଢାଉ ଜାରି ରଖିଥିଲେ। ଦୁଇଦିନ ମଧ୍ୟରେ ତହସିଲଦାର ୭ ବେଆଇନ ବାଲି ବୋଝେଇ ଗାଡିକୁ ଜବତ କରିଛନ୍ତି।

## ଜେମ୍‌ସ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଯାଜପୁର ରୋଡ, ୧୨।୧୨(ନି.ପ୍ର.): ଗ୍ଲୋରିୟସ ଇଂଲିଶ ମିଡିୟମ ସ୍କୁଲ(ଜେମ୍‌ସ)ର ୨୫ତମ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ପୋଲିସ ନାରିକ୍ଷକ ଅକ୍ଷୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଖବରଦାତା ସଂଗ୍ରାମ ସିଂ, ସ୍କୁଲର ସଭାପତି ଅସ୍ମିତା ପତି ଓ ଅଧକ୍ଷ କଳ୍ପତରୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡା ସମ୍ବନ୍ଧୀୟ ଉଦବୋଧନ ଦେଇଥିଲେ।

## ସରପଞ୍ଚଙ୍କୁ ଗାଳିଗୁଲଜ ଅଭିଯୋଗ: ୨ ଅଟକ

କୋରେଇ,୧୨।୧୨(ସ୍ୱ.ପ୍ର.)

କୋରେଇ ଥାନା ଅନ୍ତର୍ଗତ କାଚରାସାହି ସରପଞ୍ଚ ସସ୍ମିତା ତରାଇ ଓ ସ୍ୱାମୀ ସନ୍ତୋଷଙ୍କୁ ବୁଧବାର କେତେଜଣ ଦୁର୍ବୃତ୍ତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ନେଇ କୋରେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ସରପଞ୍ଚ ତରାଇ ଓ ତାଙ୍କ ସ୍ୱାମୀ ସନ୍ତୋଷ କାଚରାସାହି ପଞ୍ଚାୟତ କାର୍ଯ୍ୟାଳୟରେ ବସି ପୂର୍ବତନ ସରପଞ୍ଚ ନବଘନ ବାରିକଙ୍କ ସହ ଆଲୋଚନା କରୁଥିଲେ। ଏହି ସମୟରେ କାଚରାସାହି ଗ୍ରାମର ୨ ଜଣ ହଠାତ୍ ସେଠାରେ ପହଞ୍ଚିଥିଲେ। ପୂର୍ବ ଶତ୍ରୁତାକୁ ନେଇ ସରପଞ୍ଚ ସସ୍ମିତାଙ୍କ ସହ ସେମାନଙ୍କର ବଚସା ହେବାରୁ ସମ୍ପୃକ୍ତ ବ୍ୟକ୍ତି ସରପଞ୍ଚଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ସ୍ୱାମୀ ସନ୍ତୋଷଙ୍କୁ ମାଡ଼ ମାରିଥିଲେ। ଏପରିକି ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିଥିବା ସସ୍ମିତା ଥାନାରେ ଅଭିଯୋଗ କରିଛନ୍ତି।

■ ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠାକୁ ବିରୋଧ

## ୟୁଥ ଫୋରମ ପକ୍ଷରୁ ଜିଲାପାଳଙ୍କ କୁଶପୁତ୍ତଳିକା ଦାହ

କୋରେଇ,୧୨।୧୨(ସ୍ୱ.ପ୍ର.)



ଯାଜପୁର ୟୁଥ୍ ଫୋରମ୍ ସଦସ୍ୟ ଜିଲାପାଳଙ୍କ କୁଶ ପୁତ୍ତଳିକା ଦାହ କରୁଛନ୍ତି।

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଚାଲିଥିବା ଗଣଧାରଣା ବୁଧବାର ୩୧ ଦିନରେ ପହଞ୍ଚିଛି। ଅପରପକ୍ଷରେ ପାଣିକୋଇଲିରେ କଲେଜ ପ୍ରତିଷ୍ଠାକୁ ବିରୋଧ କରି ଯାଜପୁର ୟୁଥ ଫୋରମ ପକ୍ଷରୁ ବୁଧବାର ଜିଲାପାଳ ରଞ୍ଜନ କୁମାର ଦାସ ଓ କେନ୍ଦ୍ରାଞ୍ଚଳ ଆୟୁକ୍ତଙ୍କୁ ଦାବିପତ୍ର ଦିଆଯିବା ସହ ଆଲୋଚନା ମଧ୍ୟ କରାଯାଇଥିଲା। ୟୁଥ ଫୋରମ ସଦସ୍ୟ ତାରିଣୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ପାଣିକୋଇଲି ବଜାରରେ ଜିଲାପାଳଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏଥିରେ ୟୁଥ ଫୋରମ ସଭାପତି ରାକେଶ କୁମାର ସାହୁ ନେତୃତ୍ୱ ନେଇଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଏକ ମାନବ ଶୃଙ୍ଖଳ କରାଯାଇଥିଲା। ଜିଲା ପ୍ରଶାସନ ନ ଚେତିଲେ ଆଗାମୀ ଦିନରେ ରାଜରାସ୍ତା ବନ୍ଦ କରିବାକୁ ଫୋରମ ପକ୍ଷରୁ ଚେତାବନୀ ଦିଆଯାଇଛି। ମାନସ ରାୟ, ରମେଶ ସ୍ୱାଇଁ, ନିରାକର ସ୍ୱାଇଁ, ରବୀନ୍ଦ୍ର ଘଡେଇ, ଉପେନ୍ଦ୍ର ପାତ୍ର, ନିରଞ୍ଜନ ଦାସ, ମଣ୍ଟୁ ଜେନା, ସୁଶାନ୍ତ ପରିଡା, କପିଳେଶ୍ୱର ରଣା, ବଳରାମ ନାୟକ, ସୌମ୍ୟ ପରିଡା, ପ୍ରଶାନ୍ତ ବିଶ୍ୱାଳ, ଦିନେଶ ନାୟକ, ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ସର୍ଭେ ଆରମ୍ଭ

ରସୁଲପୁର,୧୨।୧୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୪ଟି ଏଏନ୍‌ଏମ୍ କେନ୍ଦ୍ର ପରିସରରେ ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ୨୦୨୫ ସୁଦ୍ଧା ଦେଶକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ଜୋରଦାର ପ୍ରୟାସ କରାଯାଉଛି। ଏହି ଲକ୍ଷ୍ୟକୁ ସଫଳ କରିବା ପାଇଁ ମଙ୍ଗଳବାର ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ଏକ ଦଳ ଗାଁ ଗାଁ ବୁଲି ସର୍ଭେ କରିଛନ୍ତି। ଯକ୍ଷ୍ମା ଏକ ବାୟୁବାହିତ ରୋଗ ହୋଇଥିବାରୁ ଏ ଦିଗରେ ଜନ ସଚେତନତା ସୃଷ୍ଟି କରିବା ସହ ସନ୍ଦେହଜନକ ଆକ୍ରାନ୍ତଙ୍କଠାରୁ କଫ ନମୁନା ସଂଗ୍ରହ କରାଯାଇଛି। ତାହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପରୀକ୍ଷାଗାରକୁ ପଠାଯିବ। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱରଞ୍ଜନ କର ପ୍ରକାଶ କରିଛନ୍ତି। ଯାଜପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯକ୍ଷ୍ମା ନିୟନ୍ତ୍ରଣ ଅଧିକାରୀ ଗୋପାଳ ଚନ୍ଦ୍ର ମଲିକ, ବରିଷ୍ଠ ବୈଷୟିକ ସୁପରଭାଇଜର ରାକେଶ ସାହୁ, ଜିଲା ପ୍ରୋଗ୍ରାମ ସୁପରଭାଇଜର ସୁରେନ୍ଦ୍ର ମିଶ୍ର ପ୍ରମୁଖ ମଙ୍ଗଳବାର ବିଭିନ୍ନ ଗାଁ ପରିଦର୍ଶନରେ ଯାଇଥିଲେ। ବ୍ରହ୍ମବରଦା ଓ ହରିପୁର ଅଞ୍ଚଳରେ ବିଶେଷ ଦୃଷ୍ଟି ଦିଆଯାଉଛି। ଉକ୍ତ ଦଳ ବଡରମ୍ପେଇ ଏଏନ୍‌ଏମ କେନ୍ଦ୍ରର ଭୋଟକା, ବିଲିପଡା, ଓଡିଶୋ କେନ୍ଦ୍ର ମାନପୁର, ଓଡିଶୋ, କରଜଙ୍ଗା କେନ୍ଦ୍ରର ରାଜେନ୍ଦ୍ରପୁର, କରଜଙ୍ଗା, ପ୍ରଥମାଖଣ୍ଡି କେନ୍ଦ୍ରର ଗୋପାଳପୁର, ପ୍ରଥମାଖଣ୍ଡି, କଲଣ କେନ୍ଦ୍ରର କଲଣ, ହରିପୁର କେନ୍ଦ୍ରର ମୁଗୁପାଳ, ହରିପୁର, ବ୍ରହ୍ମବରଦା କେନ୍ଦ୍ରର ବ୍ରହ୍ମବରଦା ପ୍ରଭୃତି ଅଞ୍ଚଳରେ ଥିବା ଯକ୍ଷ୍ମାରୋଗୀଙ୍କ ପରିବାରକୁ ଭେଟି ଥିଲେ।

## ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା

ବିରଜାକ୍ଷେତ୍ର,୧୨।୧୨(ଡି.ଏନ୍.ଏ)

ବୁଧବାର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଯାଜପୁର ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ବୁଧବାରଠାରୁ ଆରମ୍ଭ ହୋଇଛି। ବିଜୁ ଯୁବବାହିନୀ ଓ ଯାଜପୁର କ୍ରୀଡ଼ା ବିଭାଗ ସହଭାଗିତାରେ ଏହି ଭଲିବଲ ପ୍ରତିଯୋଗିତା ଆରମ୍ଭ ହୋଇଛି। ଦୁଇଦିନ ଧରି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଭଲିବଲ ପ୍ରତିଯୋଗିତାକୁ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଫକୀର ମୋହନ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି କ୍ରୀଡ଼ା ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ସହକାରୀ ଜିଲାପାଳ ଉମେଶ ଚନ୍ଦ୍ର ଲେଙ୍କା, ଶୁଭଦର୍ଶିନୀ ମିଶ୍ର, ଅଧ୍ୟାପକ ବିଷ୍ଣୁଚରଣ ଦାସ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ କ୍ରୀଡ଼ା ଉତ୍ସବର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ଯୁବ ସଂଯୋଜକ ରାଜନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ୧୦ଟି ବ୍ଲକ୍ ଓ ୨ଟି ମ୍ୟୁନିସିପାଲିଟିକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରଥମଦିନ ଖେଳରେ ସୁକିନ୍ଦା, ଦାନଗଦୀ, କୋରେଇ, ରସୁଲପୁର, ଧର୍ମଶାଳା, ଯାଜପୁର ଓ ବରୀ ବ୍ଲକ କ୍ୱାର୍ଟରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଗୁରୁବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ରେଫରୀଭାବେ ହରିହର ଜେନା, ଅଜିତ ପାଲ, ନିଗମାନନ୍ଦ ସ୍ୱାଇଁ, କୈଳାସ ମହାପାତ୍ର, ଅମର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ୧୦ଟି ବ୍ଲକ୍ ଓ ୨ଟି ମ୍ୟୁନିସିପାଲଟିର କ୍ରୀଡ଼ା ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

■ ୩୬ତମ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ

## 'ସଂଗ୍ରାମ, ସଂଘର୍ଷରୁ ତିଆରି ଜୀବନ ହାର ମାନେନି'

ଯାଜପୁର ଅଫିସ,୧୨।୧୨

ସଂଗ୍ରାମ ଓ ସଂଘର୍ଷରୁ ତିଆରି ଜୀବନ କେବେ ହାର ମାନି ନ ଥାଏ। ଭଲ ମଣିଷ ହେବାକୁ ଭଲ ନମ୍ବର ରଖି ପାସ୍ କରିବା ଜରୁରୀ ନୁହେଁ। ବରଂ ବଡ ସ୍ୱପ୍ନ ଦେଖି ତାହାକୁ ସଫଳ କରିବାକୁ ନିଷ୍ଠା ଓ ଅଧ୍ୟବସାୟ ରଖିଲେ ତାହା ହିଁ ମଣିଷକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଥାଏ ବୋଲି ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ମିଶ୍ର ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ବିରଜା ହାଇସ୍କୁଲ ପରିସରରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୨ ଦିନିଆ ୩୬ ତମ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଏବଂ ୭ମ ଜିଲାସ୍ତରୀୟ ପ୍ରକଳ୍ପ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମିଶ୍ର ଆହୁରି କହିଥିଲେ ଯିଏ ଯେଉଁ କ୍ଷେତ୍ରରେ କାର୍ଯ୍ୟ କଲେ ମଧ୍ୟ ଯଦି ସେଥିରେ ତାହାର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବ ତେବେ ବିଶ୍ୱ ତାକୁ ସମ୍ମାନ ଦେବ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ନିଜ ପ୍ରତିଭାକୁ ପ୍ରତିପାଦିତ କରିବା ସହ ରଚିଥିବା ଓ ଖୁସି ଲାଗୁଥିବା କାର୍ଯ୍ୟକୁ ଗ୍ରହଣ କରି ସଫଳ ହେବାକୁ ଆହ୍ୱାନ ଦେଇଥିଲେ। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ସୁକିନ୍ଦା ବିଇଓ ଘନଶ୍ୟାମ ପୃଷ୍ଟି, ବିଜ୍ଞାନ ସଂଯୋଜକ ବିଷ୍ଣୁଚରଣ ପଣ୍ଡା ପ୍ରମୁଖ ପ୍ରଦର୍ଶନୀର ଲକ୍ଷ୍ୟ, ଆଭିମୁଖ୍ୟ ସମ୍ପର୍କରେ ମତ ଦେଇଥିଲେ। ଶିକ୍ଷୟତ୍ରୀ ଯୁଗପ୍ରଭା ସାବତ ସ୍ୱାଗତ ଭାଷଣ ପ୍ରଦାନ, ଶିକ୍ଷକ ନିରଞ୍ଜନ ସାମଲ ସଭା ପରିଚାଳନା କରିଥିବାବେଳେ ବିରଜା ହାଇସ୍କୁଲର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ମୋଟ ୧୨୩ଟି ପ୍ରକଳ୍ପ ଏଥିରେ ସାମିଲ ହୋଇଥିଲା।

■ ଟ୍ରାନ୍ସଫର୍ମରକୁ ନେଇ ବିଦ୍ୟୁତ୍ କାର୍ଯ୍ୟାଳୟରେ ହଟ୍ଟଗୋଳ

## କନିଷ୍ଠ ଯନ୍ତ୍ରୀ, ମରାମତି ସୁପରଭାଇଜରଙ୍କୁ ମାଡ଼

ରସୁଲପୁର,୧୨।୧୨(ଡିଏନଏ)

କୁଆଖିଆ ନେସ୍କୋ ଡିଭିଜନ ଅଧୀନ ମଠସାହି ସେକ୍ସନରେ ବୁଧବାର ପୂର୍ବାହ୍ନରେ ହଟ୍ଟଗୋଳ ଘଟିଛି। ଏଠାରେ ଥିବା ବିଦ୍ୟୁତ କାର୍ଯ୍ୟାଳୟକୁ ବଡକଇଁଚି ଗ୍ରାମର ଅଶୋକ କୁମାର ମଲିକଙ୍କ ନେତୃତ୍ୱରେ ଗ୍ରାମର ୧୦ରୁ ୧୫ଜଣ ଯୁବକ ଅଫିସ ଭିତରକୁ ଧସେଇ ପଶିଥିଲେ। ଗାଁରେ ଏକ ନୂତନ ଟ୍ରାନ୍ସଫର୍ମର ବସାଇବା ଦାବିରେ କନିଷ୍ଠ ଯନ୍ତ୍ରୀ ପବିତ୍ରମୋହନ ସାହୁ ଓ ମରାମତି ସୁପରଭାଇଜର ଦୀପକ କୁମାର ପଣ୍ଡାକୁ ଅଫିସ ଭିତରୁ ଘୋଷାରି ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ସାହୁ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କନିଷ୍ଠ ଯନ୍ତ୍ରୀ ପବିତ୍ର ମୋହନ ସାହୁ କାର୍ଯ୍ୟାଳୟରେ ପହଞ୍ଚିବା ମାତ୍ରେ କାର୍ଯ୍ୟାଳୟ ଭିତରେ ଅଶୋକ ମଲିକ ଓ ତାଙ୍କ ସମର୍ଥକମାନେ ତାଙ୍କୁ ଘେରିଯାଇ ଟ୍ରାନ୍ସଫର୍ମର କାହିଁକି ବସୁନାହିଁ ବୋଲି କହି ଠେଲାପେଲା କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଅଶୋକ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ବିଦ୍ୟୁତ ବିଭାଗର ମରାମତି ସୁପରଭାଇଜର ଦୀପକ କୁମାର ପଣ୍ଡା ପ୍ରତିବାଦ କରିବାରୁ ଅଶୋକ ଓ ସମର୍ଥକମାନେ ତାଙ୍କୁ ମାଡ଼ ମାରି ତାଙ୍କ ସାର୍ଟ ଚିରି ଦେଇଥିଲେ। ତେବେ ଅଶୋକ ମଲିକ ନାଁରେ ୪୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ବିଲ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କୁଆଖିଆ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କୁ ପଚାରିବାରୁ, ସେ କେସ୍‌ର ଆପୋଷ ସମାଧାନ ହୋଇଯାଇଛି ବୋଲି କହିଥିବା ବେଳେ ଥାନା ଅଧିକାରୀଙ୍କ ମତ ଶୁଣି ସାହୁ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ମାମଲାର କୌଣସି ଆପୋଷ ସମାଧାନ ହୋଇନାହିଁ ବୋଲି କହିଛନ୍ତି।

■ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ପକ୍ଷପାତିତା

## ତଦନ୍ତ ନିର୍ଦ୍ଦେଶ ଦେଲେ ଯୁଗ୍ମ ସଚିବ

ଯାଜପୁର ଅଫିସ,୧୨।୧୨

ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ପକ୍ଷପାତିତା କରାଯାଉଛି। ତାଲିକାରେ ନାମ ଥାଇ ସୁଦ୍ଧା ଆବାସ ଯୋଜନାରେ ସାମିଲ କରାଯାଉ ନାହିଁ। ଏଭଳି ଅନେକ ସରକାରୀ ଯୋଜନାରେ ବଞ୍ଚିତ ହିତାଧିକାରୀମାନେ ବିଭିନ୍ନ ସମୟରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରୁଛନ୍ତି। କିନ୍ତୁ ଯାଜପୁର ଜିଲାରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଶେଷରେ ହିତାଧିକାରୀମାନେ ଅତିଷ୍ଠ ହୋଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ ବାଧ୍ୟ ହୋଇଥାନ୍ତି। ତାହା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ବସୁଥିବା ଉପରିସ୍ଥ ଅଧିକାରୀଙ୍କ ପର୍ଯ୍ୟନ୍ତ କଥା ଯିବାପରେ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ହେଉଛି। ମାତ୍ର ତଦନ୍ତ ନିର୍ଦ୍ଦେଶ ପରେ ଆନ୍ଦୋଳନକାରୀ, ହିତାଧିକାରୀ ଉପକୃତ ହେଲେ କି ନାହିଁ ତାହା ଦେଖିବାକୁ କାହାରି ବେଳ ନାହିଁ। ଏଭଳି ଘଟଣା ଯାଜପୁର ଜିଲା କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତରେ ଦେଖିବାକୁ ମିଳିଛି। ଗତ ନଭେମ୍ବର ୩ରେ ଏହି ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ବିଭିନ୍ନ ସରକାରୀ ଯୋଜନାରୁ ବାଦ ପଡିବା ପ୍ରତିବାଦରେ କୋରେଇ ବିଡିଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ଦୀର୍ଘ ସମୟ ଧରି ବ୍ଲକ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇବା ସହ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଉପଯୁକ୍ତ ରାଶନ ସାମଗ୍ରୀ ନ ମିଳିବା, ରାଶନ ସାମଗ୍ରୀ ଓଜନରେ ହେରଫେର ହେଉଥିବା ହିତାଧିକାରୀମାନେ ଅଭିଯୋଗ କରିଥିଲେ। ଏପରିକି ଏନେଇ ପ୍ରତିବାଦ କଲେ ଓଲଟା ଗାଳିଗୁଲଜ କରିବା ସହିତ ଧମକ ଦେଉଛନ୍ତି ବୋଲି ସେମାନେ ପ୍ରକାଶ କରିଥିଲେ। ଅନ୍ଧାରୀ ପଞ୍ଚାୟତର କୋରାବନ୍ଦୀ ଗ୍ରାମରେ କେହି ଡିଲର ନ ଥିବାବେଳେ ବଣ୍ଟନ କେନ୍ଦ୍ର କୋରାବନ୍ଦୀଠାରୁ ୫ କି.ମି. ଦୂରତାରେ ରହିଛି। ଏହାବାଦ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ପକ୍ଷପାତିତା କରି ବହୁ ହିତାଧିକାରୀ ବାଦ ପଡିବା ସହ ତାଲିକାରେ ନାମ ଥାଇ ମଧ୍ୟ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ ବୋଲି ସେମାନେ ଅଭିଯୋଗ ଆଣିଥିଲେ। ଏହିସବୁ ଅଭିଯୋଗ ଉପରେ ଦୀର୍ଘସମୟ ଧରି ଆନ୍ଦୋଳନ କରାଯାଇଥିଲା। ଶେଷରେ କୋରେଇ ବିଡିଓ ଘଟଣାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ହିତାଧିକାରୀମାନେ ଧାରଣାରୁ ଓହରିଥିଲେ। ତେବେ ଏ ପର୍ଯ୍ୟନ୍ତ ଅନ୍ଧାରୀ ଗ୍ରାମ ପଞ୍ଚାୟତର ହିତାଧିକାରୀଙ୍କ କୌଣସି ଦାବି ପୂରଣ ହୋଇପାରି ନାହିଁ। ଏବେ ଗଣମାଧ୍ୟମ ଜରିଆରେ ଅଭିଯୋଗ ଉପର ମହଲା ପର୍ଯ୍ୟନ୍ତ ପହଞ୍ଚିଛି। ଏହିକ୍ରମରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଧୀରେନ୍ଦ୍ର କୁମାର ସାହୁ ଯାଜପୁର ଜିଲାପାଳଙ୍କୁ ତୁରନ୍ତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ତଦନ୍ତ କରି କଣ ପଦକ୍ଷେପ ନିଆଯାଇଛି ତାର ସବିଶେଷ ବିବରଣୀ ଦେବାକୁ ମଧ୍ୟ ସଚିବ ସାହୁ ନିର୍ଦ୍ଦେଶ ଜାରି କରିଛନ୍ତି।

■ ନୂତନ ତହସିଲ କାର୍ଯ୍ୟାଳୟ, ଆବାସିକ ଗୃହ ଉଦ୍‌ଘାଟିତ

## 'ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନରେ ଓଡ଼ିଶା ପ୍ରଥମ'

ଚଣ୍ଡିଖୋଲ,୧୨।୧୨(ଡି.ଏନ୍.ଏ.)

ଯାଜପୁର ଜିଲା ଦର୍ପଣ ତହସିଲର ନୂତନ କାର୍ଯ୍ୟାଳୟ ଓ ଆବାସିକ ଗୃହ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିଛନ୍ତି। ଦର୍ପଣ ତହସିଲଦାର ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ବସୁନ୍ଧରା ଯୋଜନାରେ ଗ୍ରାମାଞ୍ଚଳରେ ଲୋକଙ୍କୁ ଘରଡିହ ଓ ସହରାଞ୍ଚଳରେ ବସ୍ତିବାସିନ୍ଦାଙ୍କୁ ୩୨୩ ବର୍ଗଫୁଟ ପର୍ଯ୍ୟନ୍ତ ଜମିପଟ୍ଟା ଦେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ ବୋଲି କହିଥିଲେ। ସରକାରୀ ମୁଖ୍ୟ ସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ରିଟିଶ ଅମଳରୁ ଚାଲୁଥିବା ଦର୍ପଣ ତହସିଲର କାର୍ଯ୍ୟାଳୟ ଅତ୍ୟନ୍ତ ଖରାପ ଅବସ୍ଥାରେ ଚାଲୁଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ୧କୋଟି ୬୪ଲକ୍ଷ ଟଙ୍କା ବ୍ୟୟରେ ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି ବୋଲି କହିଥିଲେ। ତହସିଲଦାର ଓ କର୍ମଚାରୀଙ୍କ ଆବାସିକ ଗୃହ ନିର୍ମାଣରେ ୮୪ ଲକ୍ଷ ୭୪ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ପ୍ରକାଶ କରିଥିଲେ। ଗରିବ, ଅସହାୟ ଲୋକଙ୍କୁ ସାହାରା ଦେବା ପାଇଁ ମୁଖ୍ୟମନ୍ତ୍ରୀ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ଯୋଗାଇ ଦେଉଛନ୍ତି। ଏହି ଅବସରରେ ଭୂମିହୀନଙ୍କୁ ତହସିଲ ପକ୍ଷରୁ ମନ୍ତ୍ରୀ ମହେଶ୍ୱର ମହାନ୍ତି ୧୮ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ଅପରପକ୍ଷରେ ନୂତନ ତହସିଲ କାର୍ଯ୍ୟାଳୟର ସୂଚନା ଫଳକରେ ତହସିଲଦାରଙ୍କ ନାମ ନ ଥିବା ନେଇ ବିବାଦ ଦେଖାଦେଇଥିଲା। ତହସିଲର ଓକିଲମାନେ ପ୍ରତିକ୍ରିୟାଶୀଳ ହେବା ସହ କାହିଁକି ତହସିଲଦାରଙ୍କ ନାମ ନାହିଁ ବୋଲି ପାଟିତୁଣ୍ଡ କରିଥିଲେ। ଏହି କ୍ରମରେ ସଭାରେ ଅଧ୍ୟକ୍ଷତା କରୁଥିବା ତହସିଲଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଭାଷଣ ଦେବାକୁ ଡାକି ନ ଥିଲେ। ଏଥିରେ ହସ୍ତକ୍ଷେପ କରି ବିଧାୟକ ଅମର ପ୍ରସାଦ ଶତପଥୀ ବିଭାଗୀୟ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ଧନ୍ୟବାଦ ଦେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିନୋଦିନୀ ସାହୁ, ସୁମତୀ ବାସ୍କେ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ, ସରପଞ୍ଚ ଭାରତୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ର ଧନ୍ୟବାଦ ଦେଇଥିଲେ। ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ର କୁହନ୍ତି, ସୂଚନା ଫଳକରେ ଜିଲାପାଳଙ୍କ ନାମ ଥିବାରୁ ତହସିଲଦାରଙ୍କ ନାମ ରଖାଯାଇନାହିଁ। ଏ ସମ୍ପର୍କରେ ତହସିଲଦାର ଦାସ କୁହନ୍ତି, ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ ସମୟରେ ବିଡିଓଙ୍କ ନାମ କିପରି ଥିଲା।

**ସୂଚନା ଫଳକରେ ତହସିଲଦାରଙ୍କ ନାମ ନ ଥିବାରୁ ବିବାଦ**




ରାଜସ୍ୱ ମନ୍ତ୍ରୀ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ୧୪ରେ ଧର୍ମେନ୍ଦ୍ରଙ୍କ ରାଜକନିକା ଗସ୍ତ



ରାଜକନିକା, ୧୨।୧୨ (ଡି.ଏନ.ଏ.): ରାଜକନିକା ବ୍ଲକ ଭାଜପା ପକ୍ଷରୁ ଆସନ୍ତା ୧୪ ତାରିଖରେ ନହୁଣିଠାରୁ ଆରମ୍ଭ ହେବାକୁ ଥିବା ଜନ ପରାମର୍ଶ ଯାତ୍ରାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପଦଯାତ୍ରାରେ ଧର୍ମେନ୍ଦ୍ର ସାମିଲ ହୋଇ ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ। ଏଥିସହ ଓଲାଭରଠାରେ ଆୟୋଜିତ ଏକ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୁଧବାର ରାଜକନିକା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଭୂବନ ମୋହନ ଜେନା ଏ ନେଇ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁ, ଜିଲା ସମ୍ପାଦକ ସତ୍ୟ ନାରାୟଣ ଜେନା, ଆଳି ନିର୍ବାଚନ ମଣ୍ଡଳି ପ୍ରଭାରୀ କିଶୋର କୁମାର ପଣ୍ଡା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କାନନବାଳା ଦାସ, ଜୀତା ଦାସ, ଅଶୋକ ତ୍ରିପାଠୀ, ଅଜୟ ବେହେରା, କର୍ଣ୍ଣରାଜ ବାରିକ, ଅଶୋକ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ଗରଦପୁର ବ୍ଲକସ୍ତରୀୟ ନିଯୁକ୍ତି ମେଳା



ପାଟକୁରା, ୧୨।୧୨ (ଡି.ଏନ୍.ଏ.): ଗରଦପୁର ବ୍ଲକ ପରିସରରେ ବୁଧବାର ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଆୟୋଜିତ ଏହି ମେଳାକୁ ବ୍ଲକ ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ ଉଦ୍‌ଘାଟନ କରିଥିଲେ। ମେଳାରେ ବ୍ଲକ ଅଧୀନ ୧୮ଟି ପଞ୍ଚାୟତରୁ ୧୫ରୁ ୩୫ ବର୍ଷ ମଧ୍ୟରେ ୨୫୦ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରେ ୨୦୧ ଯୁବତୀ ଥିବା ବେଳେ ମାତ୍ର ୪୯ଜଣ ଯୁବକ ଥିଲେ। ୮ଟି ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ମେଳାରେ ଭାଗ ନେଇଥିଲେ। ମେଳାରେ ସ୍ଥାନୀୟ ବିଡିଓ ଧରଣୀଧର ବେହେରା, ଜିଲା କୌଶଳ ସଂଯୋଜିକା ମୋନାଲିସା ନାୟକ, ଜୀବିକା ମିଶନ ସଂଯୋଜକ ପ୍ରଶାନ୍ତ ରାଉତ, ରବୀନ୍ଦ୍ର କୁମାର ପଢ଼ିହାରୀ, ପ୍ରଗତି ସହାୟକ ପ୍ରମୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚୁପାଣ୍ଡବରେ ଏସ୍‌ବିଆଇ ଶାଖା ଖୋଲିବାକୁ ଦାବି

ଡେରାବିଶ,୧୨।୧୨(ସ୍ୱ.ପ୍ର.)-ଡେରାବିଶ ବ୍ଲକ ଅଧୀନ ପଞ୍ଚୁପାଣ୍ଡବ ବଜାର କେନ୍ଦ୍ରାପଡା ଯାଜପୁର ଓ କଟକ ଜିଲାର କେନ୍ଦ୍ର ସ୍ଥଳରେ ଅବସ୍ଥିତ। ୫ନଂ (କ) ଜାତୀୟ ରାଜପଥର ପାର୍ଶ୍ୱରେ ଥିବା ଏହି ବଜାରରେ ୧୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ କେନ୍ଦ୍ର ରହିଛି। ମାତ୍ର ଏହି ବଜାରର ବ୍ୟବସାୟୀମାନେ ନିଜର ଆର୍ଥିକ ନେଣ ଦେଣ କାରବାର ୧୨ କିମି ଦୂରରେ ଥିବା ଯାଜପୁର ଜିଲା ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ଏସବିଆଇ ଶାଖା ଓ ୧୦ କିମି ଦୂରରେ ଥିବା ଡେରାବିଶ ଶାଖା ଉପରେ ନିର୍ଭର କରିଥାନ୍ତି। ବହୁ ସମୟରେ ବ୍ୟାଙ୍କରେ ଟଙ୍କା ଡିପୋଜିଟ ପାଇଁ ଯାଉଥିବା ବେଳେ ବ୍ୟବସାୟୀମାନେ ଲୁଟର ଶିକାର ହୋଇଥାନ୍ତି। ଏହି ବଜାରରେ ଏକ ଏସବିଆଇ ଶାଖା ଖୋଲିବା ପାଇଁ ଦୀର୍ଘଦିନ ହେବ ବ୍ୟବସାୟୀ ଓ ସ୍ଥାନୀୟ ଲୋକମାନେ ଜିଲା ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଉପରୋକ୍ତ ୩ ଜିଲାର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ପଞ୍ଚୁ ପାଣ୍ଡବ ବଜାର ଉପରେ ନିର୍ଭରଶୀଳ। ଏଥିସହିତ ବ୍ୟାଙ୍କ ସୁବିଧା ନ ଥିବାରୁ ସଂପୃକ୍ତ ପଞ୍ଚାୟତବାସୀ ଅନୁରୂପ ଭାବେ ହୀନସ୍ତା ଭୋଗୁଛନ୍ତି। ଏଠାରେ ଏକ ବ୍ୟାଙ୍କ ଶାଖା ଖୋଲିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ଏସବିଆଇ ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକଙ୍କୁ ଭେଟି ନିବେଦନ କରିଛନ୍ତି। ଉଦୟନାଥ ସେଠୀ, ବଜାର କମିଟି ସଭାପତି ମନୋରଞ୍ଜନ ମହାନ୍ତି, ସଂପାଦକ ସନ୍ତୋଷ କୁମାର ବାନା, କରୁଣାକର ସେଠୀ, ଏଣ୍ଡର ସମିତି ସଭ୍ୟ ଭାର୍ଗବୀ ସିଂହ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ, ରାଜକିଶୋର ମଲ୍ଲ, ସୁମନ୍ତ ସେଠୀ , ପ୍ରଦ୍ୟୁମ୍ନ କୁମାର ପଣ୍ଡା ପ୍ରମୁଖ ପ୍ରବନ୍ଧକଙ୍କୁ ଭେଟି ଥିବା ପ୍ରତିନିଧି ଦଳରେ ସାମିଲ ଥିଲେ।

# କିଆରିରେ କାଳୀମୁଣ୍ଡି ପୋକଙ୍କ ପ୍ରାଦୁର୍ଭାବ

ଡେରାବିଶ, ୧୨।୧୨ (ସ୍ୱ.ପ୍ର.)

ସରକାରୀ ଧାନ ବିହନ ନ ମିଳିବା ଓ ଲଗାଣ ବର୍ଷା ଯୋଗୁ ବ୍ୟାପକ ଫସଲ ହାନି, ଡେରାବିଶ ବ୍ଲକ ଅଞ୍ଚଳର ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଥିବା ବେଳେ ଏବେ ଧାନ କିଆରିରେ କାଳୀମୁଣ୍ଡି ପୋକଙ୍କ ପ୍ରାଦୁର୍ଭାବ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ଫସଲହାନି ହୋଇଥିଲା। ଏହାପରେ ଆଉ ବର୍ଷା ନ ହେବାରୁ ଢ଼ିପ ଜମିଗୁଡ଼ିକ ମରୁଡ଼ି ପ୍ରଭାବିତ ହୋଇଥିଲା।

**ଧାନ ଅମଳ ଆଶା କ୍ଷୀଣ**

ତେବେ କେତେକ ମଝିଆଳି ଜମିରେ ଧାନ ଫସଲ ହୋଇଥିବା ବେଳେ ରୋଗ ପୋକ ଦାଉରୁ ତାହା ମଧ୍ୟ ଉଜୁଡ଼ି ଯିବା ପରିସ୍ଥିତି ଦେଖାଦେଇଥିବା ବ୍ଲକ ଅଞ୍ଚଳର ଚାଷୀ ପ୍ରଫୁଲ୍ଲ ଜେନା କହିଛନ୍ତି। ସେ କହିଛନ୍ତି, ବ୍ଲକ ଅଧୀନ ମୋଟ ୨୬ ପଞ୍ଚାୟତର ପ୍ରାୟ ୧୧ହଜାର ହେକ୍ଟର ଚାଷଜମିରୁ ଧାନ ଅମଳ କରିବା ନେଇ ଚାଷୀ ଆଶା ବାନ୍ଧି ଥିବା ବେଳେ କାଳୀମୁଣ୍ଡି ପୋକ ଯୋଗୁ ସବୁ ଚାଷ ଉଜୁଡ଼ିବା ଆଶଙ୍କା ଦେଖାଦେଇଛି। ଧାନ ପ୍ରାୟ ପାଚି ଯାଇଥିବା ବେଳେ ପୋକଙ୍କ ଦୌରାତ୍ମ୍ୟ ଯୋଗୁ ପ୍ରତିଦିନ ବିଲରେ ଶହ ଶହ ଧାନ କେଣ୍ଡା ପଡି ନଷ୍ଟ ହେଉଛି। ଫଳରେ ବିଲରୁ ଧାନ କାଟି ଖଳାକୁ ନେଇ ଅମଳ କରିବା ଚାଷୀଙ୍କ ପାଇଁ କାଠିକର ପାଠ ହେବ ବୋଲି ଚାଷୀ ପ୍ରଫୁଲ୍ଲ କହିଛନ୍ତି। ଅଧିକାଂଶ ଚାଷୀ ଧାର କରଜ କରି ଚାଷ କାର୍ଯ୍ୟ କରିଥିବା ବେଳେ ଋଣ ଶୁଝିବା ନେଇ ଚାଷୀ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି। ଏ ବିଷୟରେ ବିଭିନ୍ନ ଅଞ୍ଚଳର ଚାଷୀମାନେ ଜିଲା ପ୍ରଶାସନ ଓ କୃଷି ବିଭାଗକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବା ଚାଷୀ ରୂପ କାଣ୍ଡି, କରୁଣାକର ସେଠୀ, ରବୀନ୍ଦ୍ର ମହାରଣା ପ୍ରମୁଖ କହିଛନ୍ତି। ତେବେ ଏ ବିଷୟରେ ବ୍ଲକ କୃଷି ଅଧିକାରୀ ପ୍ରଭାତ କୁମାର ସାମଲଙ୍କୁ ପଚାରିବାରେ ଏଭଳି ଅଭିଯୋଗ ତାଙ୍କ ନିକଟରେ ପହଞ୍ଚିଛି। ଚାଷଜମି ଗୁଡ଼ିକ ସର୍ବେକ୍ଷଣ ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏ ନେଇ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ନବଗ୍ରହ ବଜାରରୁ ଅଜଗର ଉଦ୍ଧାର

ରାଜନଗର,୧୨।୧୨(ଡିଏନଏ)

ରାଜନଗର ବ୍ଲକ ଅଧୀନ ଗୁପ୍ତି ପଞ୍ଚାୟତର ଓକିଲପାଳ ନବଗ୍ରହ ବଜାରରୁ ବୁଧବାର ରାତି ୮ଟାରେ ୧୦ ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପକୁ ବଜାର ମଧ୍ୟରେ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସାପକୁ କାବୁ କରି ନେଇଥିଲେ। ଏହି ସାପର ଓଜନ ୧୫ କେଜି ବୋଲି ବନ ବିଭାଗ ସୂତ୍ରରୁ ଜଣାଯାଇଛି। ଏହାକୁ ବାଉଁଶଗଡି ନଦୀକୂଳରେ ଥିବା ଭିତରକନିକା ଜଙ୍ଗଲ ମଧ୍ୟରେ ଛାଡି ଦିଆଯାଇଛି।



ଉଦ୍ଧାର ହୋଇଥିବା ସାପ।

■ କୁମ୍ଭୀର ମୁହଁରୁ ଦାଦାଙ୍କୁ ଉଦ୍ଧାର କରିବା ଘଟଣା

## ଜାତୀୟ ସାହସିକତା ପୁରସ୍କାର ପାଇବେ ସିତୁ

କେନ୍ଦ୍ରାପଡା ଅଫିସ୍, ୧୨।୧୨

ଜାତୀୟ ସାହସିକତା ପୁରସ୍କାର ପାଇବେ ରାଜନଗର ବ୍ଲକ ଅଧୀନ କଣ୍ଡିରା ପଞ୍ଚାୟତ କଣ୍ଡିରା ଗ୍ରାମର ମେଘନାଦ ମଲ୍ଲିକ ଓ ଅବଳି ମଲ୍ଲିକଙ୍କ ପୁଅ ସିତୁ(୧୫)। ଏ ନେଇ ନୂଆଦିଲ୍ଲୀସ୍ଥିତ ଭାରତୀୟ ଶିଶୁ ମଙ୍ଗଳ ପରିଷଦ ପକ୍ଷରୁ କେନ୍ଦ୍ରାପଡା ଜିଲାପାଳଙ୍କୁ ପତ୍ର ଦ୍ୱାରା ଅବଗତ କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ଫେବୃଆରୀରେ ସିତୁଙ୍କ ଦାଦା ବିନୋଦ ଘର ନିକଟସ୍ଥ ପାଟନାଳୀରେ ଗୋଡ଼ ଧୋଉଥିବା ବେଳେ ତାଙ୍କୁ ଏକ କୁମ୍ଭୀର ଆକ୍ରମଣ କରିଥିଲା। ବିନୋଦଙ୍କ ଚିତ୍କାର ଶୁଣି ସିତୁ ସେଠାରେ ପହଞ୍ଚି ସେ ଧରିଥିବା ଏକ ଟର୍ଚ୍ଚରେ କୁମ୍ଭୀର ଆଖିକୁ ପିଟି ଦେଇଥିଲେ। ଫଳରେ କୁମ୍ଭୀରଟି ବିନୋଦଙ୍କ ହାତ ଛାଡ଼ି ପଳାଇଥିଲା। ରକ୍ତାକ୍ତ ଅବସ୍ଥାରେ ବିନୋଦଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏକ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚିଯାଇଥିଲେ ବିନୋଦ।

ସିତୁଙ୍କ ଏଭଳି ସାହସିକତା ପାଇଁ ପୂର୍ବତନ ଜିଲାପାଳ ରେଘୁ ଜୀ. ଉତ୍କଳ ଦିବସ ଅବସରରେ ତାଙ୍କୁ ପୁରସ୍କୃତ କରିବା ସହ ଜାତୀୟ ସାହସିକତା ପୁରସ୍କାର ପାଇଁ ଜିଲା ଶିଶୁ ୟୁନିଟ୍ ପକ୍ଷରୁ ତାଙ୍କ ନାମ ସୁପାରିସ କରାଯାଇଥିଲା। ଚଳିତ ମାସ ୨୦ତାରିଖରୁ କେନ୍ଦ୍ରାପଡ଼ାରେ ଆରମ୍ଭ ହେବାକୁ ଥିବା ପଲ୍ଲିଶ୍ରୀ ମେଳା ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସିତୁଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି। ସୂଚନାଯୋଗ୍ୟ, ସିତୁ ସ୍ଥାନୀୟ ବାସୁଦେବ ବିଦ୍ୟାପୀଠରେ ୧୦ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମହେଶ୍ୱର ରାଉତ ଏ ନେଇ ସିତୁଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ସିତୁ ମଲ୍ଲିକ

## ନବବଧୂଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ଡେରାବିଶ, ୧୨।୧୨ (ସ୍ୱ.ପ୍ର.)

ଡେରାବିଶ ଥାନା ଅଧୀନ ବେଲରପା ଗ୍ରାମର ନବବଧୂ ଭାଗ୍ୟଶ୍ରୀ ପରିଡ଼ା (୨୧)ଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ମହେନ୍ଦ୍ର ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୧୬୭/୧୮ ନଂ.ରେ ଏକ ମାମଲା ରୁଜୁ କରିବା ସହ ଭାଗ୍ୟଶ୍ରୀଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପ୍ରକାଶ ଯେ, ସାଲେପୁର ଥାନା ଅଧୀନ ଜାଗୁଳାଇପଡା ଗ୍ରାମର ଭାଗ୍ୟଶ୍ରୀ ପରିବାର ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ବର୍ଷେ ପୂର୍ବେ ବେଲରପା ଗ୍ରାମର ଗୌରାଙ୍ଗ ସିଂଙ୍କ ପୁଅ ପ୍ରକାଶ କୁମାରଙ୍କୁ ପ୍ରେମ ବିବାହ କରିଥିଲେ। ବାହାଘରର କିଛି ମାସ ପରଠୁ ଶାଶୁଘର ଲୋକେ ତାଙ୍କୁ ବାପଘରୁ ଯୌତୁକ ଆଣିବା ପାଇଁ କହିବା ସହ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗତ କିଛି ମାସ ପୂର୍ବେ ଭାଗ୍ୟଶ୍ରୀ ଏ ନେଇ ବାପାଙ୍କୁ ଜଣାଇଥିଲେ। ତେବେ ବୁଧବାର ସକାଳୁ ଭାଗ୍ୟଶ୍ରୀ ଆତ୍ମହତ୍ୟା କରିଥିବା ନେଇ ଶାଶୁଘର ଲୋକେ ତାଙ୍କ ବାପଘରକୁ ଖବର ଦେଇଥିଲେ। କିନ୍ତୁ ଶାଶୁଘର ଗାଁରେ ପହଞ୍ଚିବା ପରେ ଭାଗ୍ୟଶ୍ରୀଙ୍କୁ ତାଙ୍କ ସ୍ୱାମୀ, ଶାଶୁ ଓ ନଣନ୍ଦ ମିଶି ହତ୍ୟା କରିଥିବା ମହେନ୍ଦ୍ର ଜାଣିପାରି ଏ ନେଇ ଥାନାରେ ଅଭିଯୋଗ କରିଥିବା ଏତଲାର ଦର୍ଶାଇଛନ୍ତି। ପୋଲିସ ପ୍ରକାଶଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ସବ୍ ଇନସପେକ୍ଟର ବିଜୟ କୁମାର ଖଟୁଆ ସୂଚନା ଦେଇଛନ୍ତି।

## ପାଟକୁରାରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ



ବିଧାୟକ ବେଦପ୍ରକାଶ ଅଗ୍ରୱାଲ ବାଲିଆ-କାଦୁଆ ରାସ୍ତା ଶିଳାନ୍ୟାସ କରୁଛନ୍ତି।

ଡେରାବିଶ, ୧୨।୧୨ (ସ୍ୱ.ପ୍ର.)

ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ବୁଧବାର ଡେରାବିଶ ବ୍ଲକ ୧୪ ନଂ. ଜୋନ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ୧୦ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପ୍ରାୟ ୧୪ କୋଟିଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ହରିଅଙ୍କ ପଞ୍ଚାୟତ ବାଲିସାହିଠାରୁ ତିହଡ଼ା ସ୍କୁଲ ପର୍ଯ୍ୟନ୍ତ ରାସ୍ତା, ଭୋଳହାଟ-ଦକ୍ଷିଣଖଣ୍ଡଭୋଳ ରାସ୍ତା, ଫାଣ୍ଡି ଛକ-ଆନନ୍ଦବଜାର ରାସ୍ତା, ବାଲିଆ-କାଦୁଆ ରାସ୍ତା, ଅନୁଆପଡ଼ା-ଡିହବସୁପୁର ରାସ୍ତା, ସଲାର ମଠ-କେଶରପୁର ରାସ୍ତା, ଚାନ୍ଦୋଳ ବସ୍‌ଷ୍ଟାଣ୍ଡ-ଦାନପୁର ରାସ୍ତା, ଅନାମଦାସ ଛକ-କଣିପଡ଼ା ରାସ୍ତା ଓ କୁସୁନୁପୁର-ଭଣଗାଁ ରାସ୍ତାକୁ ବିଧାୟକ ଅଗ୍ରୱାଲ ଶିଳାନ୍ୟାସ କରିଥିଲେ। ସମସ୍ତ ପ୍ରକଳ୍ପ ଶିଳାନ୍ୟାସ ଉତ୍ସବରେ ନିର୍ବାହୀ ଯନ୍ତ୍ରୀ ଭାସ୍କର ସାହୁ, ସହକାରୀ ଯନ୍ତ୍ରୀ ଅର୍ଜୁନ କୁମାର ସାହୁଙ୍କ ସମେତ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ୍ୱର ବେହେରା, କୈଳାସ ପରିଡ଼ା, ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଦଳୀୟ ପ୍ରତିନିଧି ଓ ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଉପସ୍ଥିତ ଥିଲେ। ଦଳୀୟ କର୍ମୀମାନେ ବିଧାୟକଙ୍କୁ ମୋଟର ସାଇକେଲ୍ ରାଲିରେ ବିଭିନ୍ନ ଶିଳାନ୍ୟାସ ସ୍ଥଳକୁ ପାଛୋଟି ନେଇଥିଲେ।

# ‘୨୦୧୯ ନିର୍ବାଚନରେ ଓଡ଼ିଶା ରାଜନୀତିରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବ’





ସମ୍ବର୍ଦ୍ଧନା ସଭାରେ ଶୁଭେଚ୍ଛୁ ଓ ସମର୍ଥକଙ୍କ ଗହଣରେ ବିଜୟ ମହାପାତ୍ର।

ମାର୍ଶାଘାଇ,୧୨।୧୨(ଡିଏନ୍ଏ)

**ମା' ଗୋଜବାୟାଣୀ ପୀଠରେ ବିଜୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା**

ମହାକାଳପଡା ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ସମାବେଶ କରି ନିଜର ଶକ୍ତି ପ୍ରଦର୍ଶନ କରିଥିବା ବେଳେ ବରିଷ୍ଠ ନେତା ବିଜୟ ମହାପାତ୍ର ଭାଜପାରୁ ଇସ୍ତଫା ଦେବା ପରେ ସମସ୍ତ ରାଜନୈତିକ ଦଳ ଏବେ ତାଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ଆଗକୁ ସେ କେଉଁ ଦଳରେ ସାମିଲ ହେବେ ସେ ନେଇ ଅଙ୍କକଷା ଚାଲିଛି। ବୁଧବାର ବିଜୟ କେନ୍ଦ୍ରାପଡା ଜିଲାକୁ ଆସିବା ଅବସରରେ ମାର୍ଶାଘାଇର ମା' ଗୋଜବାୟାଣୀ ପୀଠରେ ତାଙ୍କୁ ଶୁଭେଚ୍ଛୁ ଓ ସମର୍ଥକମାନଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଜାତୀୟ ରାଜପଥର କାନପୁର ଛକରେ ପହଞ୍ଚିବା ପରେ ସମର୍ଥକମାନେ ତାଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଆୟୋଜିତ ସଭା ସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। କାନପୁର ,ଦୁମୁକା ,ରାଉତରାପୁର ,ଅଣ୍ଡୁଖଳା ,ବାଘଡ଼ିଆ ଗ୍ରାମର ମହିଳାମାନେ ଆସିବା ବାଟରେ ସମ୍ବର୍ଦ୍ଧନା ଜଣାଇଥିଲେ। କାନପୁର ଛକରୁ ଗୋଜବାୟାଣୀ ପୀଠ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ଲୋକାରଣ୍ୟ ହୋଇଯାଇଥିଲା। ସଭା ମଞ୍ଚରେ ପହଞ୍ଚିବା ପରେ ଜିଲାର ୯ଗୋଟି ବ୍ଲକ ଓ ମ୍ୟୁନିସପାଲିଟି ସମେତ ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଏବଂ ପାରାଦୀପ ଅଞ୍ଚଳରୁ ଆସିଥିବା ହଜାର ହଜାର ଶୁଭେଚ୍ଛୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପସ୍ଥିତ ହଜାର ହଜାର ସମର୍ଥକମାନଙ୍କୁ ଦେଖି ଭାବବିହ୍ୱଳ ହୋଇ ବିଜୟ କହିଥିଲେ ଯେ, ଆଜି ଅଭୁତ ଜାଗରଣ ସୃଷ୍ଟି ହୋଇଛି। ଓଡିଶାର ଜୀବନରେଖା ମହାନଦୀ ପ୍ରସଙ୍ଗ ଉଠାଇ କହିଥିଲେ ଯେଉଁମାନେ କ୍ଷମତାରେ ରହି ଅହଂକାର କରନ୍ତି ସେମାନେ ଛତିଶଗଡ ଭଳି ଦଶା ଭୋଗ କରନ୍ତି। ଭବିଷ୍ୟତର ରାଜନୈତିକ ଜୀବନ ସଂପର୍କରେ ସ୍ପଷ୍ଟ ଭାବେ କିଛି କହି ନ ଥିଲେ ବି ୨୦୧୯ ନିର୍ବାଚନରେ ଓଡିଶା ରାଜନୀତିରେ ନୂଆ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବ ବୋଲି କହିଥିଲେ। ଓଡିଶାରେ ୨୧ଟି ଲୋକସଭା ଆସନରେ କେନ୍ଦ୍ରାପଡା ୧ନମ୍ବର ଥିଲା ,ଏବେ ୧ ନମ୍ବର ହେବ। ଏହି ଅବସରରେ କେନ୍ଦ୍ରାପଡାରେ ଲୋକସଭା ଆସନ ଫାଙ୍କା ପଡିଥିବା ମନେ ପକାଇ ଦେଇଥିଲେ। ପରୋକ୍ଷ ଭାବେ କେନ୍ଦ୍ରର କେତେକ ନିଷ୍ପତ୍ତିକୁ ସମାଲୋଚନା କରିଥିଲେ ବି ରାଜ୍ୟ ସରକାରଙ୍କୁ ନେଇ ପଦୁଟିଏ କହି ନ ଥିଲେ ବିଜୟ। ସୁକାନ୍ତ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ସହଯୋଗୀ ବିଜୟ ସ୍ୱାଇଁ,ଅମ୍ବିକା ପରିଡା,ଆଡଭୋକେଟ୍ କ୍ଷୀରୋଦ ବିହାରୀ ପ୍ରଧାନ,କୁଳମଣି ଚୌଧୁରୀ,ଅନ୍ନଦା ପ୍ରସାଦ ତ୍ରିପାଠୀ,ମମତାମୟୀ ସାମଲ,ପ୍ରଶାନ୍ତ ସାମଲ,ବିଷ୍ଣୁପ୍ରସାଦ ପଣ୍ଡା,ରଘୁନାଥ ଦାସ,ଅମିୟ ରଞ୍ଜନ ବେଉରା,ସଞ୍ଜୟ ଦାସ,ଅଭୟ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖି ବିଜୟ ଭବିଷ୍ୟତରେ ଯାହା ନିଷ୍ପତ୍ତି ନେବେ ଆମେ ସମସ୍ତେ ମାନି ନେବୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାରଦା ପ୍ରସନ୍ନ ବେଉରା,ଜିଲା ପରିଷଦ ସଦସ୍ୟ ଗଣେଶ ସାମଲ,ମଣିକୁଣ୍ଡା ସରପଞ୍ଚ ପ୍ରତାପ ରାଉତ,ସମିତି ସଭ୍ୟ ଜ୍ଞାନରଞ୍ଜନ ବସନ୍ତିଆ,କୈଳାସ ବେଉରା,ଗୋପୀନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟା ଅହଲ୍ୟା ଲେଙ୍କା ଧନ୍ୟବାଦ ଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ୧୦ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଯୋଗ ଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାକୁ ନେଇ କେନ୍ଦ୍ରାପଡା ଜିଲା ବିଜେଡି ଉପସଭାପତି ଗଙ୍ଗାଧର ପରିଡା କହିଛନ୍ତି ଯଦି ବିଜୟ ବିଜେଡିରେ ମିଶିବାକୁ ଚାହୁଁଥାନ୍ତି ଏ ନେଇ ଦଳର ସୁପ୍ରିମୋ ଯାହା ନିଷ୍ପତ୍ତି ନେବେ ଆମର କିଛି କହିବାର ନାହିଁ। ବରିଷ୍ଠ ଭାଜପା ନେତା ଭୁବନ ମୋହନ ଯେନାଙ୍କ ମତରେ ଆଗାମୀ ଦିନରେ ସେ କ'ଣ କରିପାରିବେ ତାହା ମହାକାଳପଡାବାସୀ ଠିକ୍ ଜାଣିଛନ୍ତି। ଯୁବ କଂଗ୍ରେସ ନେତା ବିଭାଂଶୁ ଶେଖର ଲେଙ୍କାଙ୍କ ମତରେ ବିଜୟ ମହାପାତ୍ର ଯଦି କଂଗ୍ରେସକୁ ଆସନ୍ତି ଆମେ ସ୍ୱାଗତ କରିବୁ। ରାଜନୈତିକ ବିଶେଷଜ୍ଞଙ୍କ ମତରେ ଇସ୍ତଫା ଦେବା ପରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କର ଏହି ଗସ୍ତ ଜିଲା ରାଜନୀତିକୁ ଚଳଚଞ୍ଚଳ କରିବ। ରାଜ୍ୟର ସମସ୍ତ ରାଜନେତାଙ୍କ ଏହି ସମ୍ବର୍ଦ୍ଧନା ସଭା ଉପରେ ନଜର ଥିଲା। ଆଗାମୀ ଦିନରେ କଂଗ୍ରେସ ଓ ବିଜେଡି ମଧ୍ୟରେ ବିଜୟଙ୍କୁ ସାମିଲ କରିବା ପାଇଁ ରଣନୀତି ପ୍ରସ୍ତୁତ ହେବା ଆଶା କରାଯାଉଛି।

## ସ୍ୱାସ୍ଥ୍ୟ, ପରିମଳ, ରାଶନକାର୍ଡ ବଣ୍ଟନ ଉପରେ ଗୁରୁତ୍ୱ

ରାଜନଗର,୧୨।୧୨(ଡି.ଏନ.ଏ.)

ବୁଧବାର ରାଜନଗର ବ୍ଲକ କାର୍ଯ୍ୟାଳୟର ସଦ୍‌ଭାବନା କକ୍ଷରେ ୭ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୯ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୩ ଜିଲା ପରିଷଦର ସଦସ୍ୟ ଯୋଗ ଦେଇଥିଲେ। ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ପ୍ରକୃତ ହିତାଧିକାରୀଙ୍କୁ ତୁରନ୍ତ ଏହି ଯୋଜନାରେ ସାମିଲ ପାଇଁ ଦାବି ହୋଇଥିଲା। ଏହାଛଡା ସ୍ୱଚ୍ଛ ଭାରତ ଯୋଜନାରେ ପରିମଳ ବ୍ୟବସ୍ଥା, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୫ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ ଅଧ୍ୟକ୍ଷତା କରିଥିଲେ। ବିଡିଓ ମନ୍ଦରଧର ମହାଳିକ, ଉପାଧ୍ୟକ୍ଷା ବିନିଲତା ମାଝି , ତହସିଲଦାର ଡି.ଏସ. ଦାସ, ଜିପିଓ ଧର୍ମାନନ୍ଦ ଦାସ ଓ ବ୍ଲକର ପଦାଧିକାରୀମାନେ ଯୋଗ ଦେଇଥିଲେ।

## ୧୯୮୬ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ

ମାର୍ଶାଘାଇ,୧୧।୧୨(ଡିଏନ୍ଏ)

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୬ ମସିହା ମାଟ୍ରିକ୍ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ମଙ୍ଗଳବାର ସ୍ଥାନୀୟ ବାଳିକଷୋଟି ଲୁଣାନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ପାର୍ଥ ସାରଥୀ ସାହୁ ଏବଂ ମଥୁରାନନ୍ଦ ଜେନାଙ୍କ ସଂଯୋଜନାରେ ଏହି ବ୍ୟାଚର ୩୫ ଜଣ ପୁରାତନ ଛାତ୍ର ଯୋଗଦେଇ ଛାତ୍ର ଜୀବନର ଅନୁଭୂତି ବଖାଣି ଥିଲେ। ଏହି ଉତ୍ସବରେ ହୃଷିକେଶ ବେହେରା, ପ୍ରଦ୍ୟୁମ୍ନ ସିଂ, ନିମାଁଇ ଚରଣ ଲେଙ୍କା ,ଅମିୟ ଲେଙ୍କା,ଶମ୍ଭୁନାଥ ବାରିକ ,ମନୋରଞ୍ଜନ ଦଳାଇ ,ଅଭୟ ଜେନା,ଗୌରାଙ୍ଗ ଜେନା ,ବିରେନ୍ ରାୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଶରତ କୁମାର ଦେବ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ନେତାଜୀ କ୍ଲବ

ଆଳି, ୧୨।୧୨ (ଡି.ଏନ୍.ଏ.)

ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ହାରାମଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ଚତୁର୍ଥ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ୪ର୍ଥ ଦିବସରେ ଚାନ୍ଦବାଲି ଏନ୍ଏସି କ୍ଲବ ଓ ନେତାଜୀ କ୍ଲବ ତରାସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନେତାଜୀ କ୍ଲବ ଚାନ୍ଦବାଲିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଖେଳରେ ଅତିଥି ଭାବେ ଶିକ୍ଷାବିତ୍ ଭାସ୍କରଚନ୍ଦ୍ର ମିଶ୍ର ଓ ପ୍ରସନ୍ନ କୁମାର ସୁବୁଦ୍ଧି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଭାବେ ଶିବପ୍ରସାଦ ମଲିକ, ଶରତ ଜେନା, ସଞ୍ଜୟ ନାୟକ, ପ୍ରହଲାଦ ଜେନା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରବୀନ୍ଦ୍ର ମହାନ୍ତି, ଶୁକଦେବ ଗୋଛାୟତ, ମନୋଜ ସାହୁ, ବୈଦନାଥ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଗୁରୁବାର ଆଳି ପଦନପୁର ଫୁଟବଲ ଟିମ ଓ କଟକ ରାଧାରମଣ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ପଡ଼ିଆରେ ରେଫରୀ ଓ ଅତିଥିଙ୍କ ଗହଣରେ ଉଭୟ ଟିମ୍‌ର ଖେଳାଳିମାନେ।

■ ଜମଧର କୃଷି ସମବାୟ ସମିତି ବୈଠକ

## ଚାଷୀଙ୍କୁ ସବ୍‌ସିଡି ଟଙ୍କା ପ୍ରଦାନ ଉପରେ ଗୁରୁତ୍ୱ

ଡେରାବିଶ, ୧୨।୧୨ (ସ୍ୱ.ପ୍ର.)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କେନ୍ଦ୍ରାପଡ଼ା ଶାଖା ଅଧୀନ ଜମଧର ପ୍ରାଥମିକ କୃଷି ସମବାୟ ସମିତିର ଶୀତକାଳୀନ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଥିଲା। ସମିତି ସଭାପତି କାର୍ତ୍ତିକ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ବୈରାଗୀ ଚରଣ ସାହୁ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ଏହାପରେ ଚାଷୀଙ୍କଠାରୁ ଧାନ କିଣିବା ସମୟରେ ଟୋକନ୍ ପାଇଥିବା ଚାଷୀଙ୍କୁ ଅଖା ଫେରାଇବା, ଲୋଡ୍ ଅନ୍‌ଲୋଡ୍ ଖର୍ଚ୍ଚ ଉଭୟ ଚାଷୀ ଏବଂ ମିଲର ବହନ କରିବା, ଏଫ୍ଏକ୍ୟୁ ମାନ ନିର୍ଦ୍ଧାରଣ ଯନ୍ତ୍ର ସହାୟତାରେ ଧାନର ମାନ ନିର୍ଣ୍ଣୟ କରିବା ଏବଂ ଚାଷୀଙ୍କ ଜମାଖାତାକୁ ୩ ଦିନ ମଧ୍ୟରେ ଟଙ୍କା ପଠାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ମାସ ଶେଷ ସୁଦ୍ଧା ଚାଷୀଙ୍କୁ କୃଷି ବୀମା ସବ୍‌ସିଡି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ସମିତି ପରିସରରେ ବେଆଇନ ମନ୍ଦିର ନିର୍ମାଣକୁ ବନ୍ଦ କରାଯିବା ସହ ଆସନ୍ତା ୧୭ ତାରିଖରେ ଜମଧରସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିସରରେ ଧାନମଣ୍ଡି ଉଦ୍‌ଘାଟନ କରାଯିବାକୁ ସ୍ଥିର କରାଯାଇଥିଲା। କେନ୍ଦ୍ରାପଡ଼ା ସିସିବିର ପରିଚାଳକ ରବୀନ୍ଦ୍ର ବିଶ୍ୱାଳ ସଭାରେ ଯୋଗଦେଇ ଚାଷୀମାନେ ଋଣ ଓ ସବ୍‌ସିଡି ପାଇବାରେ ହେଉଥିବା ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ପରିଚାଳନା କମିଟି ଉପସଭାପତି ଗୀତାଞ୍ଜଳି ବେହେରା, ନିର୍ଦ୍ଦେଶିକା ଉର୍ମିଳା ସେଠୀ, ନିର୍ଦ୍ଦେଶିକା ହେମନ୍ତ କୁମାର ସ୍ୱାଇଁ, ଧନେଶ୍ୱର ସିଂ, ଅଜୟ କୁମାର ମଲ୍ଲିକ, ବିଶ୍ୱନାଥ ମହାନ୍ତି, ଜିତେନ୍ଦ୍ର କୁମାର ମହାନ୍ତି, ଅଭିମନ୍ୟୁ ମହାନ୍ତି, କେଶବ ଚନ୍ଦ୍ର ପରିଡ଼ା, ଅକ୍ଷୟ କୁମାର ବାରିକ, ଧୀରେନ୍ଦ୍ର ନାଥ ସ୍ୱାଇଁ, ବସନ୍ତ କୁମାର ଜେନା, ଅରୁଣ କୁମାର ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କର୍ମଚାରୀ କରୁଣାକର ବାରିକ, ପ୍ରମୋଦ କୁମାର ବାରିକ, ରମେଶ ଚନ୍ଦ୍ର ଜେନା, ରଘୁନାଥ ସାହୁ, ସରୋଜିନୀ ତ୍ରିପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସହ-ସମ୍ପାଦକ ପ୍ରଭାତ କୁମାର ମଲ୍ଲ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୩/୨୦୧୮ Bhubaneswar, Thursday, December 13/ 2018

## ସଂକ୍ଷେପରେ

### ରାସ୍ତା ଉପରେ ଜଳିଗଲା ହାଇୱା

ପାରାଦୀପ,୧୨।୧୨(ସ୍ୱ.ପ୍ର.): ପାରାଦୀପ ବନ୍ଦର ୨ନଂ ଗେଟ୍ ନିକଟରେ ବୁଧବାର ଅପରାହ୍ନରେ ଏକ ହାଇୱା ଗାଡ଼ିରେ ନିଆଁ ଲାଗିଯାଇଥିଲା। ରାସ୍ତା ଉପରେ ଗାଡ଼ି ଜଳିବାରୁ ଚାଳକ ଓ ଖଲାସି ଓହ୍ଲାଇ ପଡିଥିଲେ। ପରେ ବନ୍ଦର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଯାଇ ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଶର୍ଟ ସର୍କିଟ୍ କିମ୍ବା ଗରମ କୋଇଲା ଯୋଗୁ ଏପରି ଘଟିଥିବା କୁହାଯାଉଛି।

### ଠିକାଦାରଙ୍କ ଘରେ କଳାକନା ବୁଲାଇଲେ ଲୁଟେରା

ପାରାଦୀପ,୧୨।୧୨(ସ୍ୱ.ପ୍ର.): ପାରାଦୀପ ଥାନା ଅନ୍ତର୍ଗତ ନୂଆବଜାର ପୁରୁଣା ଏମ୍ଏମ୍‌ଟିସି କଲୋନୀର ଜଣେ ଠିକାଦାରଙ୍କ ଘରେ ମଙ୍ଗଳବାର ରାତିରେ କଳାକନା ବୁଲାଇଛନ୍ତି ଲୁଟେରା। ଠିକାଦାର ଜଗବନ୍ଧୁ ଦାସଙ୍କ ପୁତ୍ର ଗୁଲୁ ସେହିଘରେ ପରିବାର ସହ ରହୁଥିଲେ। ଗୁଲୁଙ୍କ ଶରୀର ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ କଟକ ନେଇଥିଲେ। ଘରେ କେବଳ ଜଣେ ଆତ୍ମୀୟ ଥିଲେ। ଫଳରେ ମଧ୍ୟ ରାତ୍ରିରେ ଲୁଟେରାମାନେ ତାଲା ଭାଙ୍ଗି ଘରେ ପଶି ପ୍ରାୟ ୩୦୦ ଗ୍ରାମର ସୁନା, କିଛି ଟଙ୍କା ଓ ଅନ୍ୟ ମୂଲ୍ୟବାନ୍ ସାମଗ୍ରୀ ଲୁଟ୍ କରିଛନ୍ତି। ବୁଧବାର ସକାଳେ ଏହା ଜଣାପଡିଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ କରିଛି।

### ଜିଏସ୍‌ଟି ସଚେତନତା କର୍ମଶାଳା

ବିରିଡି,୧୨।୧୨(ଡି.ଏନ.ଏ.): ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜଗତ୍‌ସିଂହପୁରର ଏଲଡିଏମ ଅନୀଲ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଏମ୍ଏସ୍ଏମ୍‌ଇ ପାଇଁ ଜିଏସ୍‌ଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଏବିଡିଓ ଗିରିଜା ପ୍ରସାଦ ବାରିକ, ନାବାର୍ଡ ଏଜିଏମ ଶାନ୍ତିଭୂଷଣ ମହାପାତ୍ର, ଜଗତ୍‌ସିଂହପୁର ଏକ୍ସାଇଜ ଜିଏସ୍‌ଟି ଅଧକ୍ଷ ଜୟନ୍ତ ଜଗଦିସ ମୁଣ୍ଡୋ, ଆସିଷ୍ଟାଣ୍ଟ୍ ଡିଆଇସି ମ୍ୟାନେଜର ଜଗମୋହନ ପତି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ନୋଡାଲ ଅଫିସର ଆରକେ ଦାସ, ଆରଏସଇଟିର ଡାଇରେକ୍ଟର ଏ କେ ବାନାର୍ଜୀ ଯୋଗ ଦେଇଥିଲେ। ତୃଣମୂଳସ୍ତରରେ ଉଦ୍ୟୋଗ ଭିତ୍ତିକକଳା କାରିଗରିକୁ ପ୍ରୋତ୍ସାହନ କରିବା ସହିତ ନୂତନ ଉଦ୍ୟୋଗୀ ସୃଷ୍ଟି ପାଇଁ କି ପ୍ରକାର ସରକାରୀ ପ୍ରୋତ୍ସାହନ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପ୍ରଦାନ କରାଯାଇଛି ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ବ୍ଲକର କେତେଜଣ ସଫଳ ଉଦ୍ୟୋଗୀଙ୍କୁ ଡକାଯାଇ ସେମାନଙ୍କ ସଫଳତା ଉପରେ ବୁଝାଯାଇଥିଲା। ସେହିପରି ବ୍ଲକ ଅଧୀନରେ ଥିବା ୮ ବ୍ୟାଙ୍କ ଶାଖା ପରିଚାଳକ ଉପସ୍ଥିତ ରହି ସେମାନଙ୍କ ବ୍ୟାଙ୍କ ମାଧ୍ୟମରେ ଚଳିତ ଆର୍ଥିକ ବର୍ଷର ଓଡିଶା ଜୀବିକା ମିଶନ ଦ୍ୱାରା ସୁଧ ଛାଡ ସ୍କିମ ଜରିଆରେ ୩୦୩ ଏସଏଚଜିଙ୍କୁ ୪କୋଟି ୩୩ଲକ୍ଷ ୫୫ହଜାର ଟଙ୍କା କ୍ୟାସ କ୍ରେଡିଟ ଋଣ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ବ୍ଲକ ପ୍ରଗତି ସହାୟକ ସୁରେନ୍ଦ୍ର ନାଥ ଶତପଥୀ, ବ୍ଲକ ଜୀବିକା ସଂଯୋଜକ ଦିଲୀପ ମିଶ୍ର, ସସ୍ମିତା ବେହେରା ଓ ଦକ୍ଷତା ବିକାଶ ସଂଯୋଜକ ପ୍ରମୋଦ ସିଂଙ୍କ ସହ ଓଏଲଏମ ଦ୍ୱାରା ପରିଚାଳିତ ୧୧ଟି ପଞ୍ଚାୟତରେ ମହାସଂଘର ସଭାନେତ୍ରୀ, ସମ୍ପାଦକ ଏମବିକେ, ସିଆରପି ପ୍ରମୁଖ ଉପସ୍ଥିତ ଥିଲେ।

# ଜାଲ୍ ଜମି କାଗଜପତ୍ର ଦେଇଥିବା ସ୍କୁଲକୁ ମିଳିଲା ଏନ୍‌ଓସି

**ଏନ୍‌ଓସି ଓ ସିଓଆର୍‌କୁ ନେଇ ଦ୍ୱନ୍ଦ୍ୱ**
- ସିଓଆର୍ ତାଲିକା ପ୍ରକାଶନରେ ବିଳମ୍ବ
- ଜିଲାପାଳ ଓ ଡିଇଓଙ୍କ ରିପୋର୍ଟକୁ ଅଣଦେଖା

ଜଗତ୍‌ସିଂହପୁର ଅଫିସ,୧୨।୧୨

ବେସରକାରୀ ଶିକ୍ଷାନୁଷ୍ଠାନ ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ ହେଲେ ସରକାରଙ୍କ ସର୍ତ୍ତାବଳୀ ପୂରଣ କରିବା ଆବଶ୍ୟକ। ଯେଉଁ ଶିକ୍ଷାନୁଷ୍ଠାନ ସର୍ତ୍ତାବଳୀ ପୂରଣ କରୁଥିଲେ ସେମାନଙ୍କୁ ପୂର୍ବରୁ ୧ ବର୍ଷିଆ ଏନ୍‌ଓସି (ନୋ ଅବଜେକ୍ସନ୍ ସାର୍ଟିଫିକେଟ୍) ଦିଆଯାଉଥିଲା। ଚଳିତବର୍ଷରୁ ସରକାର ଏନ୍‌ଓସି ପରିବର୍ତ୍ତେ ୫ ବର୍ଷିଆ ସିଓଆର୍ (ସାର୍ଟିଫିକେଟ୍ ଅଫ ରେକଗନାଇଜେଶନ୍) ବ୍ୟବସ୍ଥା କରିଛନ୍ତି। ଏହି ଅନୁଯାୟୀ ରାଜ୍ୟର ଶତାଧିକ ବେସରକାରୀ ବିଦ୍ୟାଳୟ ସିଓଆର୍ ପାଇଁ ଅନ୍‌ଲାଇନ୍ ଆବେଦନ କରିଛନ୍ତି। କିନ୍ତୁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ସିଓଆର୍ ପାଇଁ ଯୋଗ୍ୟ ବିଦ୍ୟାଳୟଗୁଡିକର ତାଲିକା ପ୍ରକାଶ କରିନାହାନ୍ତି। ଏହା ମଧ୍ୟରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭାଗ ୱେବସାଇଟ୍‌ରେ ଏନ୍‌ଓସି ପାଇଥିବା ବିଦ୍ୟାଳୟଗୁଡିକର ତାଲିକା ପ୍ରକାଶ କରିଛନ୍ତି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଏହି ନୋଟିସ୍ ଓ ସିଓଆର୍‌କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସରକାର ସିଓଆର୍ ପ୍ରଚଳନ କଲାପରେ ଏନ୍‌ଓସି କୁଆଡୁ ଆସିଲା ବୋଲି ଅନେକ ପ୍ରଶ୍ନ କରିଛନ୍ତି। ସେହିପରି ଉଚ୍ଚ ବିଦ୍ୟାଳୟଗୁଡିକ କାର୍ଯ୍ୟକ୍ଷମ ହେବା ନେଇ କି ସର୍ତ୍ତାବଳୀ ଅଛି ଏବଂ ଏହା ପୂରଣ କଲେ ଏନ୍‌ଓସି କି ସିଓଆର୍ ଦିଆଯିବ ତାହା ସାଧାରଣ ଜନତା କ'ଣ, ଜିଲା ଶିକ୍ଷା ଅଧିକାରୀ ମଧ୍ୟ ଜାଣି ନାହାନ୍ତି। ଏହାସତ୍ତ୍ୱେ ଜଗତ୍‌ସିଂହପୁର ଜିଲାର ୩ ସ୍କୁଲ ପାରାଦୀପ ପୋର୍ଟ ଅଞ୍ଚଳର ବେଥାନୀ କନଭର୍ଟ ସ୍କୁଲ, ଜଗତ୍‌ସିଂହପୁରସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲ ଓ ଗାନ୍ଧୀ ଛକରେ ଥିବା ସୁଧାନନ୍ଦ ବିଦ୍ୟାଳୟକୁ ଚଳିତ ବର୍ଷ ଏନ୍‌ଓସି ମିଳିଛି। ଜାଭିୟର୍ସ ସ୍କୁଲ ୨୦୦୮ରେ ଏନ୍‌ଓସି ପାଇଥିଲା। କିନ୍ତୁ ଉକ୍ତ ସ୍କୁଲ ଜାଲ୍ ଜମି ପଟ୍ଟା ଦେଇ ଏନ୍‌ଓସି ପାଇଥିବା ପରେ ଜଣାପଡିଥିଲା। ଏହାପରେ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳ ଏନ୍‌ଓସି ପ୍ରତ୍ୟାହାର ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ହେଲେ ଏବେ ଉକ୍ତ ସ୍କୁଲକୁ ଏନ୍‌ଓସି ଦିଆଯାଇଥିବା ଖବର ସ୍ଥାନୀୟ ଲୋକଙ୍କୁ ଚକିତ କରିଛି। ଜାଭିୟର୍ସ ସ୍କୁଲ ବେଆଇନ ଭାବେ ଚାଲିଥିବା ନେଇ ହାଇକୋର୍ଟରେ ମାମଲା ଚାଲିଛି। ଏଥିରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ପକ୍ଷ ଅଛନ୍ତି। ଏହାସତ୍ତ୍ୱେ କିପରି ସ୍କୁଲକୁ ଏନ୍‌ଓସି ଦିଆଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜାଭିୟର୍ସ ସ୍କୁଲର ଏନ୍‌ଓସି ପ୍ରତ୍ୟାହାର ସମ୍ପର୍କରେ ଡିଇଓ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଭିଯୋଗ ଉପରେ ତଦନ୍ତ ହୋଇଥିଲା। ସିବିଏସ୍‌ଇକୁ ମିଥ୍ୟା ଜମି କାଗଜପତ୍ର ଦେଇ ସେଣ୍ଟ ଜାଭିୟର୍ସ ସ୍କୁଲ ଅନୁମୋଦନ ଲାଭ କରିଛି। ଅଭିଯୋଗର ଗୁରୁତ୍ୱ ଦୃଷ୍ଟିରୁ ଜମି ଓ ସ୍କୁଲର ଅବସ୍ଥିତି ଉପରେ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ସେ ଜଗତ୍‌ସିଂହପୁର ତହସିଲଦାରକୁ ଚିଠି ଲେଖିଥିଲେ। ତହସିଲଦାର ତଦନ୍ତ କରି ସ୍କୁଲ ୬ଡେସିମିଲ ଜମିରେ ଚାଲିଥିବା ଦର୍ଶାଇଥିଲେ। ଏଥିରେ ସ୍ପଷ୍ଟ କରାଯାଇଥିଲା, ରାଜସ୍ୱ ବିଭାଗ ରେକର୍ଡରେ ପାଣିଶାଳିଆ ଗାଁର ଖାତା ସଂଖ୍ୟା ୪୯୯ ଓ ପ୍ଲଟ ସଂଖ୍ୟା ୧୧୩୫/୧୫୬୫ରେ ୬ ଡେସିମିଲ ଜମି ଅଶୋକ ମହାନ୍ତିଙ୍କ ସ୍ତ୍ରୀ ପୁଷ୍ପିତା ମହାନ୍ତିଙ୍କ ନାମରେ ଅଛି। ବାସ୍ତବରେ କିନ୍ତୁ ସ୍କୁଲ ଅନୁମୋଦନ ପାଇଁ ସର୍ବନିମ୍ନ ୧ ଏକର (ସହରାଞ୍ଚଳରେ) ଜମି ସ୍କୁଲ ନାମରେ ଥିବା ଉଚିତ। କିନ୍ତୁ ଜାଲ କାଗଜପତ୍ର ମାଧ୍ୟମରେ ସ୍କୁଲ ଅଧିକ ଜମି ଦେଖାଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମା ବଳରେ ସିବିଏସ୍‌ଇ/ଆଇସିଏସ୍‌ଇ ପାଠ୍ୟକ୍ରମ ପାଇଁ (୧୦ମ ଶ୍ରେଣୀ ପର୍ଯ୍ୟନ୍ତ)ବର୍ଷିକିଆ ଅନୁମୋଦନ ଲାଭ କରିଥିଲା। ଏହାପରେ ସ୍କୁଲକୁ ଏନ୍‌ଓସି ମିଳିନି। ଏହାସତ୍ତ୍ୱେ ସ୍କୁଲର ଜମି ଏବଂ ଏହାର ଠିକ୍ ରେକର୍ଡ ଦାଖଲ ପାଇଁ ୨ଥର ରିପୋର୍ଟ ମଗାଯାଇଥିଲା। ହେଲେ ସ୍କୁଲ ପରିଚାଳନା କମିଟି ଜବାବ ରଖି ନ ଥିଲା। ତେଣୁ ୨୦୦୮ରେ ଏହି ସ୍କୁଲକୁ ଦିଆଯାଇଥିବା ଏନ୍‌ଓସି ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶକଙ୍କୁ ଡିଇଓ ଅନୁରୋଧ କରିଥିଲେ। ଚଳିତବର୍ଷରୁ ଏନ୍‌ଓସି ବଦଳରେ ୫ ବର୍ଷିଆ ସିଓଆର୍ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲାର ୨ଶହରୁ ଅଧିକ ବେସରକାରୀ ସ୍କୁଲ ଆବେଦନ କରିଛନ୍ତି। ଏହା ଉପରେ ବିଇଓମାନେ ଅନୁଧ୍ୟାନ କରି ଡିଇଓଙ୍କୁ ରିପୋର୍ଟ ଦେଇଥିଲେ। ଯେଉଁଠି ସନ୍ଦେହ ଥିଲା ସେ କ୍ଷେତ୍ରରେ ନିଜେ ଡିଇଓ ମଧ୍ୟ ପରିଦର୍ଶନ କରି ଶିକ୍ଷାନୁଷ୍ଠାନ ସିଓଆର୍ ପାଇବାକୁ ଯୋଗ୍ୟ କି ନାହିଁ ଦେଖିଥିଲେ। ଏହାପରେ ମନ୍ତବ୍ୟ ସ୍ତମ୍ଭରେ ମତ ରଖିଥିଲେ। ଜିଲାର ୭ ସ୍କୁଲ ସିଓଆର୍ ପାଇବାକୁ ଯୋଗ୍ୟ ବୋଲି ଜଣାପଡିଥିବାବେଳେ ସରକାରୀ ଭାବେ ଘୋଷଣା ହୋଇନି। ଅନ୍ୟପକ୍ଷରେ ଜିଲାର ୩ ବିଦ୍ୟାଳୟକୁ ସିଓଆର୍ ନୁହେଁ, ଏନ୍‌ଓସି ମିଳିଥିବା ୬/୧୨/୧୮ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଦସ୍ତଖତରେ ନୋଟିସ୍ ଜାରି କରାଯାଇଛି। ଏହା ଉପରେ ବିଭାଗୀୟ ସଚିବ ଓ ମୁଖ୍ୟମନ୍ତ୍ରୀ ଧ୍ୟାନଦେବାକୁ ଦାବି ହୋଇଛି। କାରଣ ରାଜ୍ୟର ୨୭ ଜିଲାରେ ଶତାଧିକ ଅଯୋଗ୍ୟ ସ୍କୁଲକୁ ଏନ୍‌ଓସି ଦିଆଯାଇଛି। ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାଶ କହିଛନ୍ତି, ଜିଲାର ୩ ବିଦ୍ୟାଳୟକୁ କିପରି ଏନ୍‌ଓସି ମଳିଲା ତାଙ୍କୁ ଜଣାନାହିଁ। ଏ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୁପ୍ରସାଦ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।

## ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକଙ୍କ ଦରମା ବନ୍ଦ

ବାଲିକୁଦା,୧୨।୧୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିଗିଡିବାରେ ଲାଗିଛି। ବହୁ ବିଦ୍ୟାଳୟକୁ ଶିକ୍ଷକ ନିୟମିତ ଆସୁନାହାନ୍ତି। କେତେକ ସ୍ଥାନରେ ଶିକ୍ଷୟିତ୍ରୀଶିକ୍ଷକ ପାଠ ପଢାଇବା ପରିବର୍ତ୍ତେ ଖଟିରେ ବ୍ୟସ୍ତ ରହୁଛନ୍ତି। ଯାହାର ଉଦାହରଣ ହେଉଛି ବ୍ଲକ ଅଧୀନ ଖାଲଗାଁ ପଞ୍ଚାୟତର ଶୋଭା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟର ୮ଶ୍ରେଣୀରେ ପିଲାଙ୍କ ସଂଖ୍ୟା ମାତ୍ର ୯। ଏମାନଙ୍କୁ ପଢ଼ାଇବାକୁ ୫ ଶିକ୍ଷକ ନିଯୁକ୍ତି ପାଇଛନ୍ତି। କିନ୍ତୁ ପ୍ରତ୍ୟେକ ଦିନ ଶିକ୍ଷକ ବିଦ୍ୟାଳୟରେ ପାଠ ପଢାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସତ୍ୟା ସତ୍ୟ ଜାଣିବା ପାଇଁ ବିଇଓ ସଚ୍ଚିଦାନନ୍ଦ ସାହୁ ଗତ ସପ୍ତାହରେ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେହି ସମୟରେ ପ୍ରଧାନଶିକ୍ଷକ ସଚ୍ଚିକାନ୍ତ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ୪ ସହକାରୀ ଶିକ୍ଷକ ପ୍ରକାଶ ଭାଗ୍ରା, ଅଜୟ ପରିଡା, ପ୍ରିୟଦର୍ଶିନୀ ସେଠୀ ଓ ରଶ୍ମିତା ସାହୁ କାର୍ଯ୍ୟାଳୟରେ ବସି ଗପ କରୁଥିଲେ। ଏହା ଦେଖିବା ପରେ ବିଇଓ ସାହୁ ପ୍ରଧାନଶିକ୍ଷକ ମହାନ୍ତିଙ୍କ ଗୋଟିଏ ମାସର ଓ ଅନ୍ୟ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ପିଲାଙ୍କ ତୁଳନାରେ ଶିକ୍ଷକଙ୍କ ସଂଖ୍ୟା ଅଧିକ ଥାଇ ସୁଦ୍ଧା ଠିକ୍ ଭାବେ କ୍ଲାସ ଚାଲୁ ନ ଥିଲା।

## କଂଗ୍ରେସର ସାଙ୍ଗଠନିକ ବୈଠକ



ବୈଠକରେ ସାମିଲ ହୋଇଥିବା କଂଗ୍ରେସ କର୍ମୀ ।

ରାହାମା,୧୨।୧୨(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ବୋଧେଇ ପଞ୍ଚାୟତ ନୂଆପୋଖରୀଠାରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଇଂ ପ୍ରମୋଦ କିଶୋର ଜେନାଙ୍କ ନେତୃତ୍ୱରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତିର୍ତ୍ତୋଲ ୪ନଂ ଜୋନ ସଭାପତି ନିହାର ରଞ୍ଜନ ନାୟକ ସଭାପତିତ୍ୱ କରିଥିଲେ। ଜିଲା କଂଗ୍ରେସ କମିଟି ଉପସଭାପତି ସନ୍ତୋଷ ଦାସ, ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ରାଜ୍ୟ ସମ୍ପାଦକ ବିଶ୍ୱନାଥ ପାଣି, ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସନ୍ତୋଷ ଦାସ, ତିର୍ତ୍ତୋଲ ୨ନଂ ଜୋନ କଂଗ୍ରେସ ସଭାପତି ପ୍ରହ୍ଲାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୫ ରାଜ୍ୟରେ ନିର୍ବାଚନ ହୋଇଥିବାବେଳେ ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ କଂଗ୍ରେସର ବିଜୟ ହୋଇଥିବାରୁ କର୍ମୀ ବେଶ୍ ଉତ୍ସାହିତ ହୋଇଥିଲେ। ଆଗାମୀ ଦିନରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ କଂଗ୍ରେସ ସଫଳତା ପାଇବବୋଲି ମତ ପ୍ରକାଶ ପାଇଥିଲା। ତେଣୁ ତୃଣମୂଳସ୍ତରରୁ କର୍ମୀଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାପାଇଁ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଇଂ ଜେନା ଆହ୍ୱାନ ଦେଇଥିଲେ। ସନ୍ତୋଷ ବିଶ୍ୱାଳ, ଅଜୟ ବସ୍ତିଆ, ପ୍ରସନ୍ନ ପରିଜା, ରାଜା ବିଶ୍ୱାଳ, ବିଚିତ୍ର ଭୋଳ, ବିକ୍ରମ ବିଶ୍ୱାଳ, ବ୍ରଜବନ୍ଧୁ ଦାସ, ଭାଗ୍ୟଧର ବାରିକ୍, ବସନ୍ତ ବିଶ୍ୱାଳ, ନରେନ୍ଦ୍ର ରାଜ ଗୁରୁ, ସୁବାଶିଷ ଦାସ, ନିମାଇଁ ମଲ୍ଲ, ଅନନ୍ତ ମଲିକ, ବାଚସ୍ପତି ବେଉରା, ସନ୍ଦୀପ ରାଉତ ଓ ତ୍ରିଲୋଚନ ସାହୁଙ୍କ ସମେତ ଶତାଧିକ କର୍ମୀ ବୈଠକରେ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

ରଘୁନାଥପୁର,୧୨।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ଯୋଗ ଦେଇଥିଲେ। ପୂର୍ବାହ୍ନରେ ସରପଞ୍ଚ ସୂର୍ଯ୍ୟନାରାୟଣ ନାୟକଙ୍କ ପରିଚାଳନାରେ ବିଧାୟିକା ଡା. ମଲ୍ଲିକ ନୂଆପଡାସ୍ଥିତ ତାଳଦଣ୍ଡା କେନାଲ ଉପରେ ଥିବା ପାଦଚଲା ବ୍ରିଜର ଉଦ୍‌ଘାଟନ କରିବା ପରେ ଦେଢଲକ୍ଷ ଟଙ୍କା ମୂଲ୍ୟରେ ନିର୍ମିତ ହେବାକୁ ଥିବା ମା' କୁଆଁରୀ ଠାକୁରାଣୀ ଗୋଷ୍ଠୀ କେନ୍ଦ୍ର ଏବଂ ଦେଢଲକ୍ଷ ଟଙ୍କା ଅନୁଦାନରେ ଈଶାନେଶ୍ୱର ମହାଦେବ ମନ୍ଦିର ପ୍ରାର୍ଥନା ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରୁ ଦ୍ୱନ୍ଦୁଅ ଯାଇ ଏକ ପାଣିଟାଙ୍କି ଉଦ୍‌ଘାଟନ କରିବା ସହ ୧.୫ ଲକ୍ଷ ଟଙ୍କା ମୂଲ୍ୟରେ ଜାଗୁଳାଇ ମନ୍ଦିର ଗୋଷ୍ଠୀକେନ୍ଦ୍ର ଓ ବିଦ୍ୟାଧରପୁର ମିଶନଶକ୍ତି ଗୃହର ଶିଳାନ୍ୟାସ କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ, ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ତେଜାଲିନ ମହାପାତ୍ର, ସମିତିସଭ୍ୟ ଅଭୟ ନାୟକଙ୍କ ସମେତ କର୍ମୀମାନେ ସାମିଲ ହୋଇଥିଲେ। ବିଧାୟିକାଙ୍କ ଗସ୍ତ ସମୟରେ ପ୍ରହ୍ଲାଦ ନାୟକଙ୍କ ନେତୃତ୍ୱରେ କେତେଜଣ କର୍ମୀ ଗଣଧାରଣା ଦେଇ କଳା ଦିବସ ପାଳିଥିଲେ। ସେମାନେ ନୂଆପଡ଼ା ବଜାର ଉପରେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ବସି ରହିଥିଲେ।

- ଫ୍ଲୋରାଇଡ୍ ଗ୍ୟାସ୍ ଯୋଗୁ ଗଛପୋଡ଼ି ଘଟଣା

## ପିପିଏଲ୍‌କୁ କାରଣ ଦର୍ଶାଅ ନୋଟିସ

ପାରାଦୀପ,୧୨।୧୨(ସ୍ୱ.ପ୍ର.)

ପାରାଦୀପ ଫସଫେଟସ୍ ଲିମିଟେଡ୍ (ପିପିଏଲ)ସାର କାରଖାନାକୁ ବୁଧବାର ସନ୍ଧ୍ୟାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଓଏସ୍‌ପିସିବି) କାରଣ ଦର୍ଶାଅ ନୋଟିସ ଜାରି କରିଛି। ଅଗଷ୍ଟ ୮ରେ ଉକ୍ତ କାରଖାନାରୁ ନିର୍ଗତ ହୋଇଥିବା ଫ୍ଲୋରାଇଡ୍ ଗ୍ୟାସ ଯୋଗୁ ପାରାଦୀପରେ ବ୍ୟାପକ ଗଛ ପୋଡ଼ି ଯାଇଥିଲା। ସେତେବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହ କୃଷି ଓ ଉଦ୍ୟାନ ବିଭାଗ ଯୁଗ୍ମଭାବେ ଗଛରୁ ପତ୍ର ସଂଗ୍ରହ କରି ଗଛ ପୋଡ଼ିବାର କାରଣ ଫ୍ଲୋରାଇଡ୍ ଗ୍ୟାସ ଯୋଗୁ ବୋଲି ଦର୍ଶାଇଥିଲେ। ଯେଉଁ କାରଣ ପାଇଁ ଗ୍ୟାସ ନିର୍ଗତ ହୋଇଥିଲା ତା'ର ପ୍ରତିକାର ପାଇଁ କେତେକ ଗାଇଡ୍‌ଲାଇନ୍ ପିପିଏଲକୁ ପାଳନ କରିବା ପାଇଁ ୧୭/୧୦/୧୮ରେ ବୋର୍ଡ ଜଣାଇଥିଲା। ଏହାସତ୍ତ୍ୱେ ସେଥିରେ କୌଣସି ସୁଧାର ନ ଆସିବା ବୋର୍ଡର ଦୃଷ୍ଟି ଗୋଚର ହୋଇଛି। ଏହାକୁ ଆସନ୍ତା ୧୫ଦିନ ମଧ୍ୟରେ ସୁଧାରିବା ପାଇଁ ବୋର୍ଡର ମୁଖ୍ୟ ପରିବେଶ ଯନ୍ତ୍ରୀ ନୋଟିସ ମାଧ୍ୟମରେ ଜଣାଇଛନ୍ତି। ଏଥିସହ କେତେକ ପରାମର୍ଶ କମ୍ପାନୀକୁ ଦିଆଯାଇଛି। ୧୫ଦିନ ମଧ୍ୟରେ କମ୍ପାନୀ ପ୍ରତିକାର ବ୍ୟବସ୍ଥା ନ କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ପିପିଏଲ୍ କର୍ତ୍ତୃପକ୍ଷ କହିଛନ୍ତି, ଆମ ନିକଟକୁ ଚିଠି ଆସିନାହିଁ। ତେଣୁ ସେ ବିଷୟରେ କହିବା ଉଚିତ ହେବନାହିଁ।

## ଫେରାର ଅଭିଯୁକ୍ତ ଗିରଫ

ବିରିଡି(ଡି.ଏନ.ଏ.)/ବାଲିଆ,୧୨।୧୨

ବିରିଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆଡଣା ଗ୍ରାମର ହଗୁରା ଓଝା। ସେ ପୋଲିସ ଆଖିରେ ଧୂଳିଦେଇ ଫେରାର ହୋଇ ଯାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ୪୧/୧୭ରେ ମାମଲା ରୁଜୁ ହୋଇଥିଲା। ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ବିରିଡି ପୋଲିସ ଅଭିଯୁକ୍ତଙ୍କୁ ଢେଙ୍କାନାଳ ବସ୍ ଷ୍ଟାଣ୍ଡରୁ ଗିରଫ କରିଥିଲା। ୨୦୧୭ରେ ସେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

## କ୍ରିକେଟ ଟୁର୍ନାମେଣ୍ଟ: କୁଞ୍ଜୀକୋଠି ଚାମ୍ପିୟନ

ଏରସମା,୧୨।୧୨(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ଯୁବ ପରିଷଦ ପଡିଆରେ ବିଜୁ ଯୁବବାହିନୀ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ କୁଞ୍ଜୀକୋଠି ଓ ବାମଦେଈପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ ଜିତି କୁଞ୍ଜୀକୋଠି ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଜବାବରେ ବାମଦେଈପୁର ୭ ଉଇକେଟ ହରାଇ ନିର୍ଦ୍ଧାରିତ ଓଭରରେ ୮୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଚାମ୍ପିୟନ ଟିମର ସାଗର ବେହେରା ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ସମରେଶ ମୁଦୁଲି ଓ ନିରଞ୍ଜନ ଦାସ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ବିଜୁ ଯୁବ ବାହିନୀ ଏରସମା ବ୍ଲକ ସଭାପତି କିଶୋର ଜେନା ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରଶାନ୍ତ ମୁଦୁଲି ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ ମୁଖ୍ୟବକ୍ତା, ଏମପିଙ୍କ ପ୍ରତିନିଧି ପୀତବାସ ଗଛାୟତ, ଜିଲା ପରିଷଦ ସଭ୍ୟ ଦିପ୍ତିରଞ୍ଜନ କୁଅଁର, ଅନିଲ ରାଉତ, ବିଜୟ ପାଲ, ବ୍ଲକ ଉପାଧକ୍ଷା ପୁଷ୍ପାଞ୍ଜଳି ବେଉରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସପ ଦଳକୁ କପ୍ ପ୍ରଦାନ କରିଥିଲେ ।

# ଅଗ୍ରଣୀ ବ୍ଲକ ଭାବେ ଗଢ଼ି ତୋଳିବା ଉପରେ ଗୁରୁତ୍ୱ

ନାଉଗାଁ,୧୨।୧୨(ସ୍ୱ.ପ୍ର.)



ବୈଠକରେ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଓ ଅନ୍ୟ ଅତିଥି।

**ନାଉଗାଁ ବ୍ଲକର ୭ମ ବୈଠକ**

ନାଉଗାଁ ବ୍ଲକର ୭ମ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଛି। ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଓ ଜିଲା ପରିଷଦ ଉପାଧକ୍ଷ ଲିଙ୍ଗରାଜ ସ୍ୱାଇଁ ଯୋଗଦେଇ ସମସ୍ତ ପଞ୍ଚାୟତ ପ୍ରତିନିଧି ସହଯୋଗର ହାତ ବଢ଼ାଇ ଏହି ବ୍ଲକକୁ ଏକ ଅଗ୍ରଣୀ ବ୍ଲକ ଭାବେ ଗଢ଼ି ତୋଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନା, ବାସଗୃହ ଓ ଭତ୍ତା ଆଦି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ବିଧାୟକ ବିଶ୍ୱାଳ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକରେ ମୁଗ ମଣ୍ଡି ଖୋଲିବା, ଖରାଦିନ ପୂର୍ବରୁ ପାନୀୟ ଜଳ ସୁବିଧା କରିବା, ଚାଷୀଙ୍କ ପାଇଁ ଆସୁଥିବା ବିଭିନ୍ନ ସହାୟତା ଠିକ୍ ଭାବେ ପହଞ୍ଚାଇବା ଓ ପାଇଖାନା ବିଲ ତୁରନ୍ତ ପ୍ରଦାନ ପାଇଁ ଉପାଧକ୍ଷ ସ୍ୱାଇଁ କହିଥିଲେ। ଜ୍ୟୋତି ମହାସଂଘ କାର୍ଯ୍ୟକାଳ ସରି ଯାଇଥିଲେ ମଧ୍ୟ ସଂଘର ନୂତନ କର୍ମକର୍ତ୍ତା ନିଯୁକ୍ତି ନ ହେବା ଉପରେ ରୋହିଆ ସମିତିସଭ୍ୟ ପଦ୍ମ ଚରଣ ରାଉତ, ସରପଞ୍ଚ ଶିବ ପ୍ରସାଦ ନାୟକ ପ୍ରମୁଖ ପ୍ରଶ୍ନ କରିଥିଲେ। ତେବେ ନୂତନ କମିଟି ହେବା ପର୍ଯ୍ୟନ୍ତ ବ୍ଲକ ପ୍ରଶସାନ ସଂଘ ବୁଝିବା ପାଇଁ ସଭ୍ୟ ଓ ସରପଞ୍ଚ ଦାବି କରିଥିଲେ। ଏନଏଫଏସ ମାଧ୍ୟମରେ ୧୫ ହଜାର ୩୧୯ ଓ ଏସଏଫଏସ୍ ମାଧ୍ୟମରେ ୪୮୬୦ ଜଣଙ୍କୁ ଖାଉଟି କାର୍ଡ ପ୍ରଦାନ କରାଯାଇଥିବା ବ୍ଲକ ଯୋଗାଣ ଅଧିକାରୀ ତୁଳସୀ ଦାସମୁର୍ଖାଜୀ କହିଥିଲେ। ସାମିଲ ହୋଇ ନ ଥିବା ହିତାଧିକାରୀଙ୍କୁ ଶୀଘ୍ର କାର୍ଡ ପ୍ରଦାନ ପାଇଁ ବିଧାୟକ ବିଶ୍ୱାଳ କହିଥିଲେ। ଓଷକଣା ପଞ୍ଚାୟତରେ ପାଇପ୍ ପାଣି ଆସୁ ନ ଥିବା ସଭ୍ୟ ଜୟନ୍ତୀ ଭୋଇ କହିଥିଲେ। ମୋ ଗୁହାଳ ଯୋଜନାରେ ପଞ୍ଚାୟତର ସଭ୍ୟଙ୍କୁ ଅଣଦେଖା କରାଯାଉଛି। ତେଣୁ ପଞ୍ଚାୟତ ସଭ୍ୟ ଓ ସରପଞ୍ଚଙ୍କ ମିଳିତ ସ୍ୱାକ୍ଷରରେ ଉକ୍ତ ଗୁହାଳ ପ୍ରଦାନ ପାଇଁ ଘୋଡାଂଶ ସଭ୍ୟ ଅନୁସୂୟା ଜେନା ଦାବି କରିଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ବିଭିନ୍ନ ପଞ୍ଚାୟତରେ ସହାୟତା ରାଶି ପ୍ରଦାନ କରାଯାଇ ନ ଥିବା ଅନେକ ସଭ୍ୟ ଓ ସରପଞ୍ଚ ଅଭିଯୋଗ କରିଥିଲେ। ସୌଭାଗ୍ୟ ଯୋଜନାରେ ଅଧା କାମ ହୋଇଥିବାବେଳେ ଅନେକ ସ୍ଥାନରେ ହିତାଧିକାରୀଙ୍କୁ ଠିକା ସଂସ୍ଥା ଟଙ୍କା ମାଗୁଥିବା ଡାବର ସରପଞ୍ଚ ଡମ୍ବରୁଧର ଜେନା, ଅଲଣା ସଭ୍ୟ ମନ୍ମଥ ଓଝା, ରୋହିଆ ସଭ୍ୟ ପଦ୍ମ ଚରଣ ରାଉତ, ଗଳଦାରୀ ସଭ୍ୟ ପ୍ରଭାତ ସ୍ୱାଇଁ ପ୍ରମୁଖ ଜଣାଇଥିଲେ। ରୋହିଆ ପଞ୍ଚାୟତରେ ୩୨ଜଣଙ୍କୁ ଘର ପୋଡି ସହାୟତା ମିଳି ନ ଥିବା ସରପଞ୍ଚ ନାୟକ କହିଥିଲେ। ଜିଲାପାଳଙ୍କ ଦୃଷ୍ଟି ଗୋଚର କରାଯାଇ ଶୀଘ୍ର ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ଜେ. କଳ୍ପନା କହିଥିଲେ।

ଅରଖକୁଦରେ ଦେବୀ ନଦୀରେ ନିର୍ମାଣ ହେବାକୁ ଥିବା ମେଗା ଜଳ ପ୍ରକଳ୍ପକୁ ବନ୍ଦ କରିବା ପାଇଁ ରୋହିଆ, ଗଳଦାରୀ ସଭ୍ୟ ଓ ସରପଞ୍ଚ ଦାବି କରିଥିଲେ। ପ୍ରକଳ୍ପ ବନ୍ଦ ନ ହେଲେ ଅନଶନ କରାଯିବ ବୋଲି ରୋହିଆ ସରପଞ୍ଚ ନାୟକ କହିଥିଲେ। ବ୍ଲକ ଅଧକ୍ଷ ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ବିଶ୍ୱାଳ, ଉପାଧକ୍ଷ ସ୍ୱାଇଁ, ଉପାଧକ୍ଷା ମାମିନା ଦଳାଇ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ବିଡିଓ ଜେ.କଳ୍ପନା, ଏମ୍‌ପିଙ୍କ ପ୍ରତିନିଧି ବସନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।




୩୧୯
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ

### ରାସ୍ତା ଅବସ୍ଥା ଶୋଚନୀୟ, ମରାମତି ଦାବି



**ବୋଲଗଡ଼,୧୨।୧୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଅସରଳା ଦଳ ପଞ୍ଚାୟତସ୍ଥ ପୁଆଣିଆ ଗ୍ରାମର ଦାସସାହିକୁ ପ୍ରବେଶ କରିଥିବା ରାସ୍ତାଟି ଶୋଚନୀୟ ହୋଇପଡିଛି। ସାହି ମୁଣ୍ଡରେ ଥିବା ଡ୍ରେନ ଉପରେ ସମ୍ପୂର୍ଣ୍ଣ ଢାଙ୍କୁଣି ବ୍ୟବସ୍ଥା ନାହିଁ। ଫଳରେ ପରିବେଶ ଦୂଷିତମୟ ହୋଇପଡ଼ିଛି। ଏଠାରେ ଥିବା ପାନୀୟ ଜଳ ପାଇପ୍ ସ୍ଥାନଟି ମଧ ତାଡ଼ି ହୋଇରହିଛି। ତେଣୁ ସ୍ଲାପ୍‌ର ଉପର ଦେଇ ଲୋକେ ଯାତାୟାତ କରୁଥିବା ବେଳେ ଅସୁବିଧା ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ୪ ଚକିଆ ଗାଡ଼ି ଯାତାୟାତ କରି ନ ପାରିବା ଯୋଗୁ ରୋଗୀମାନେ ହଇରାଣ ହେବା ସହ ଭାରି ଜିନିଷ ନେବାଆଣିବା ସହଜ ମନେହେଉନି। ଦୀର୍ଘଦିନ ଧରି ସ୍ଲାପ୍ ଉପରେ ମାତ୍ର ୩ଫୁଟ ଓସାରର ହୋଟିଏ ସ୍ଲାପ ପଡିଛି। ତେଣୁ ଗ୍ରାମବାସୀ ସମ୍ପୂର୍ଣ୍ଣ ଢାଙ୍କୁଣି ପକାଇବା ନେଇ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଫକିର ସ୍ୱାଇଁ କହିଛନ୍ତି ଦାସସାହି ମୁଣ୍ଡରେ ଥିବା ଡ୍ରେନ୍‌ଠାରେ ରାସ୍ତା ମରାମତି ଏବଂ ସ୍ଲାପ୍ ବ୍ୟବସ୍ଥା ନିମନ୍ତେ ପ୍ରଚେଷ୍ଟା କରାଯିବ।

### ମରି ପଡ଼ୁଛନ୍ତି କାଉ, କୁକୁଡ଼ା: ରକ୍ତ ନମୁନା ସଂଗ୍ରହ



**କୃଷ୍ଣପ୍ରସାଦ,୧୨।୧୨(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ୍‌ରେ ବର୍ତ୍ତମାନ ଶହ ଶହ କାଉ ଓ କୁକୁଡ଼ାଙ୍କ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ଏକ ସପ୍ତାହ ଧରି ଏଠାରେ କୁକୁଡାଗୁଡ଼ିକ ମରି ପଡ଼ୁଥିବା ଯୋଗୁ ବ୍ୟବସାୟୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତେବେ ଏହି ପରିସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲା ପ୍ରଶାସନ କୌଣସି ପଦକ୍ଷେପ ପକ୍ଷରୁ କୌଣସି ପଦକ୍ଷେପ ନ ହେବାରୁ କିଛିଦିନ ଧରି ଅସନ୍ତୋଷ ପ୍ରକାଶ ପାଇଥିଲା। ଧରିତ୍ରୀ ଦୈନିକ ଖବରକାଗଜରେ ଏଭଳି ଖବର ପ୍ରକାଶ ପାଇବା ପରେ ପ୍ରାଣୀଚିକିତ୍ସା ବିଭାଗ ଏବଂ ଭୁବନେଶ୍ୱର ପ୍ରାଣୀ ଗବେଷଣା କେନ୍ଦ୍ରରୁ ଗବେଷକମାନେ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି ମୃତ କୁକୁଡ଼ାମାନଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛନ୍ତି। କୃଷ୍ଣପ୍ରସାଦ ପ୍ରାଣୀ ଚିକିତ୍ସକ ଡାକ୍ତର ଦୟାନିଧି ବେହେରା ଏ ସମ୍ପର୍କରେ କହିଛନ୍ତି, ଗୁରୁବାର ରକ୍ତ ନମୁନା ପରୀକ୍ଷାର ଫଳାଫଳ ଜଣାପଡ଼ିବ। ବାର୍ଡ ଫ୍ଲୁ ହୋଇଥିବା ସୂଚନା ମିଳିଲେ ଏଥିନିମନ୍ତେ ପ୍ରତିକାର କରାଯିବ। ତେବେ କୁକୁଡ଼ା ମାଂସ ପ୍ରତି ଲୋକଙ୍କ ଚାହିଦା କମୁ ନ ଥିବା ଏବଂ ଲୋକେ ଏହି ମାଂସ ଖାଉଥିବା ଜଣାପଡ଼ିଛି, ଯାହା ଆଗକୁ ବିପଦର ଆଶଙ୍କା ସୃଷ୍ଟି କରିଛି।

### ବରିଷ୍ଠ ନାଗରିକଙ୍କୁ କମ୍ବଳ ବଣ୍ଟନ

**ବୋଲଗଡ଼,୧୨।୧୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତସ୍ଥ ଦେଉଳିଠାରେ ବୁଧବାର ୧୦୫ ବରିଷ୍ଠ ନାଗରିକଙ୍କୁ କ୍ଲବ ରେଡ୍‌ରୋଜ୍ ସୌଜନ୍ୟରୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନୁଷ୍ଠାନର ସଭାପତି ପ୍ରକାଶଚନ୍ଦ୍ର ସାହୁ। ସାମାଜିକ କର୍ମୀ ଗୋପାଳଚନ୍ଦ୍ର ସାହୁ ମୁଖ୍ୟଅତିଥି ଓ ରବୀନ୍ଦ୍ରନାଥ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ର ରାକେଶ କୁମାର ନାୟକ ଏଥିରେ ସହଯୋଗ କରିଥିଲେ ।

# ଟଙ୍କା ଫେରିପାଇବା ଦାବିରେ ଜମାକାରୀଙ୍କ ଧାରଣା

**ନୟାଗଡ଼ ଅଫିସ,୧୨।୧୨**



ଏଆରସିଏସ୍ କାର୍ଯ୍ୟାଳୟ ଆଗରେ ଜମାକାରୀମାନେ ଧାରଣା ଦେଇଛନ୍ତି।

- ଏଆରସିଏସ୍ ଓ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଆଗରେ ଧାରଣା
- ୩୮୦୨ ଜମାକାରୀଙ୍କ ୫ କୋଟି ୭୬ ଲକ୍ଷ ଟଙ୍କା ତୋସରପାତ
- ୪ ବର୍ଷ ହେଲାଣି ବ୍ୟାଙ୍କ୍‌ର ଅଡ଼ିଟ୍ ହୋଇନାହିଁ
- ଜମାକାରୀଙ୍କ ସହ ନୟାଗଡ ବିଧାୟକ, ଜିଲା କଂଗ୍ରେସ ସଭାପତିଙ୍କ ଆଲୋଚନା

ସମବାୟ ସଂସ୍ଥା ମିଛ କହିଲ, ଜମାକାରୀଙ୍କ ଟଙ୍କା ଲୁଟିଲ। ଜମାଟଙ୍କା ହଡ଼ପକାରୀଙ୍କୁ ସୁରକ୍ଷା ଦେଲ, ଚାଷୀଙ୍କ ଟଙ୍କା ଲୁଟ୍ କରିଥିବା ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ଆଦି ନାରାବାଜି ଦେଇ ବୁଧବାର ଶତାଧିକ ଜମାକାରୀ ଜିଲାର ଦୁଇଟି ସ୍ଥାନରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜମାକାରୀମାନେ ସେମାନଙ୍କ ଜମା ଟଙ୍କା ପ୍ରାପ୍ୟ ପାଇଁ ସହରର ତ୍ରିନାଥଛକସ୍ଥିତ ଏଆରସିଏସ୍ କାର୍ଯ୍ୟାଳୟ ଓ ସିନ୍ଦୂରିଆସ୍ଥିତ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ ଆଗରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ପ୍ରକାଶ ଯେ, ଜିଲାର ଓଡ଼ଗାଁ ବ୍ଲକ କୁରାଳ ପ୍ରାଥମିକ ସେବା ସମବାୟ ସମିତିର ସମ୍ପାଦକ କାଳୁଚରଣ ରାଉତ ୩୮୦୨ ଜମାକାରୀଙ୍କ ୫ କୋଟି ୭୬ ଲକ୍ଷ ୪୨ ହଜାର ୮୨୯ ଟଙ୍କା ହରିଲୁଟ କରି ନେଇଥିବା ଅଭିଯୋଗ ହୋଇଛି। ୧୯୯୦ ମସିହାରେ କୁରାଳରେ ଖୋଲିଥିବା ପ୍ରାଥମିକ ସେବା ସମବାୟ ସମିତିରେ ଚାଷୀମାନେ ସେମାନଙ୍କ ଟଙ୍କା ରଖିଥିଲେ। ୨୦୧୨ ମସିହା ପରେ ସଦସ୍ୟ ବଢ଼ିବାରୁ ଚାଷୀମାନେ ବ୍ୟାଙ୍କ୍‌ରେ ଟଙ୍କା ଜମା ରଖିଥିଲେ। ସେମାନଙ୍କ ମାଚ୍ୟୁରିଟି ଡେଟ୍ (ଉଠାଇବା ତାରିଖ) ହୋଇଯିବା ପରେ ବ୍ୟାଙ୍କ୍‌କୁ ଯିବାରୁ ସମ୍ପାଦକ ଆଜି ଆସ କାଲି ଆସ କହି ଦିନ ଗଡାଇ ଚାଲିଲେ। ଏହିଭଳି ଭାବେ ବର୍ଷେ ବିତିଯିବା ପରେ ମଧ କାହାର ଟଙ୍କା ମିଳିଲା ନାହିଁ। ପରେ ଚାଷୀମାନେ ଜାଣିବାକୁ ପାଇଲେ ଯେ ସେମାନଙ୍କ ଟଙ୍କା ସମ୍ପାଦକ ଚଳୁ କରିଦେଇଛନ୍ତି। କେବେ ସମ୍ପାଦକଙ୍କ ଘର, କେବେ ଓଡ଼ଗାଁ ଶାଖା, କେବେ ଏଆରସିଏସ୍ କାର୍ଯ୍ୟାଳୟ ତ ଆଉ କେବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରେ ଏହିଭଳି ଚାଷୀମାନେ ବାରଦୁଆର ହେଲେ। ତେବେ କୌଣସି ସମାଧାନ ହେଲା ନାହିଁ। ପୂର୍ବରୁ ନଭେମ୍ବର ୧୩ ତାରିଖରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ ଆଗରେ ଜମାକାରୀମାନେ ଧାରଣା ଦେଇଥିବା ବେଳେ ଗତ ୮ ତାରିଖରେ କୁରାଳ ସମବାୟ ବ୍ୟାଙ୍କ୍ ଆଗରେ ଧାରଣା ଦେଇଥିଲେ। ହେଲେ ସେମାନଙ୍କ ଟଙ୍କା ମିଳିନାହିଁ। ଯେ ପର୍ଯ୍ୟନ୍ତ ଟଙ୍କା ମିଳିନାହିଁ ସେ ପର୍ଯ୍ୟନ୍ତ ଏହିଭଳି ଆନ୍ଦୋଳନ ଜାରି ରହିବ ବୋଲି ଜମାକାରୀ ହରିହର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଏ ନେଇ ଏଆର୍‌ସିଏସ୍ (ସମବାୟ ସମିତି ସହକାରୀ ନିବନ୍ଧକ) ଭବାନୀ ଶଙ୍କର ନନ୍ଦ କୁହନ୍ତି, ଅର୍ଥ ତୋସରପାତ ଅଭିଯୋଗ ପରେ ସମବାୟ ସମିତିର ପୂର୍ବତନ ସମ୍ପାଦକ କାଳୁଚରଣ ରାଉତଙ୍କୁ ନିଲମ୍ବନ କରାଯାଇଛି। ସେହିଭଳି କାଳୁଚରଣ ଓ ସମିତିର ପୂର୍ବତନ ସଭାପତି ପଞ୍ଚୁ ପ୍ରଧାନଙ୍କ ନାମରେ ଓଡ଼ଗାଁ ଥାନାରେ ଅଭିଯୋଗ କରାଯାଇଛି। ସେମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇ ଅଡ଼ିଟ୍ ପରେ ଟଙ୍କା ଆଦାୟ କରାଯିବ ବୋଲି ନନ୍ଦ ସୂଚନା ଦେଇଥିଲେ। କେବଳ ଯେ ଏହି ୨ଜଣ ସମ୍ପୃକ୍ତ ତାହା ନୁହେଁ ଅଡ଼ିଟ୍ ହେଲେ ଓଡ଼ଗାଁରେ ତତ୍କାଳୀନ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ଓ କର୍ମଚାରୀମାନେ ମଧ ଏଥିରେ ସମ୍ପୃକ୍ତ ବୋଲି ଜଣାପଡିବ। ଜମାକାରୀଙ୍କ ଫିକ୍ସ ଡିପୋଜିଟ ଟଙ୍କାର ୯୨.୫ ପ୍ରତିଶତ ଟଙ୍କା ସେମାନେ ରଖିବା କଥା। ହେଲେ ତାହା ନ କରି କର୍ମଚାରୀମାନେ ମନମୁଖି କାର୍ଯ୍ୟ କରି ସବୁ ଟଙ୍କା ସମିତିକୁ ଫେରସ୍ତ କରିଛନ୍ତି, ଫଳରେ ବ୍ୟାଙ୍କରେ ଟଙ୍କା ନାହିଁ। ଯେଉଁଥିପାଇଁ ଏତେ ଟଙ୍କା ତୋସରପାତ ହେଉଛି। ତଦନ୍ତ ରିପୋର୍ଟରେ ଯେଉଁମାନଙ୍କର ସମ୍ପୃକ୍ତି ଥିବ ସେମାନଙ୍କ ନାମରେ ମକଦ୍ଦମା ରୁଜୁ କରାଯିବା ସହିତ ଟଙ୍କା ଅଣାଯାଇ ଜମାକାରୀଙ୍କୁ ଫେରାଯିବ ବୋଲି ନନ୍ଦ ପ୍ରକାଶ କରିଥିଲେ। ଜମାକାରୀ ହରିହର ପାଣିଗ୍ରାହୀ, ଭରତ ସାହୁ , କୃଷ୍ଣଚନ୍ଦ୍ର ମାଝି, ପ୍ରଶାନ୍ତ କୁମାର ସାହୁ, ପ୍ରଭାତ କୁମାର ପ୍ରଧାନଙ୍କ ଭଳି ଶହ ଶହ ଜମାକାରୀ ବିକ୍ଷୋଭ ଓ ଧାରଣାରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ ୨୦୧୩-୧୪ ବର୍ଷଠାରୁ ଏ ପର୍ଯ୍ୟନ୍ତ କୁରାଳ ସେବା ସମବାୟ ସମିତିରେ ଅଡ଼ିଟ ହୋଇନାହିଁ। ଫଳରେ ସମ୍ପାଦକ ଏହିଭଳି ଅର୍ଥ ତୋସରପାତ କରିବାକୁ ସୁଯୋଗ ପାଇଲେ ବୋଲି ଅଭିଯୋଗ ହେଉଛି।

ଅନ୍ୟପକ୍ଷେ ଧାରଣାସ୍ଥଳରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ପହଞ୍ଚି ଜମାକାରୀଙ୍କ ସହିତ ଆଲୋଚନା କରିଥିଲେ। ରାତ୍ର ୮ଟାରେ ରିପୋର୍ଟ ଲେଖା ହେବା ସୁଦ୍ଧା କେନ୍ଦ୍ରୀୟ ବ୍ୟାଙ୍କ ଆଗରେ ଜମାକାରୀମାନେ ଧାରଣା ଦେଉଛନ୍ତି । ସେହିଭଳି ଜମାକାରୀଙ୍କ ପ୍ରତିନିଧି ଓ ଜିଲାପାଳଙ୍କ ମଧ୍ୟରେ ଏକ ବୈଠକ ବସିଥିବା ଜଣାପଡ଼ିଛି।

### ୧୪ରୁ ଧନୁପୂଜା ମହୋତ୍ସବ, ଲାଖବିନ୍ଧା ପ୍ରତିଯୋଗିତା


ବିଶ୍ୱାବସୁ, ନୀଳମାଧବ ଓ ଲଳିତାଙ୍କ ପ୍ରତିମା।

**ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର.):** ଶ୍ରୀନୀଳମାଧବ ଜୀଉଙ୍କ ଆଦ୍ୟ ସେବକ ଶବର ରାଜା ବିଶ୍ୱାବସୁଙ୍କ ଗଡ଼ ଭାବେ ଭାପୁର ବ୍ଲକ୍ ଅନ୍ତର୍ଗତ କାଳିଆପଲ୍ଲୀ ଗ୍ରାମ ପରିଚିତ। ଧାନଚେଙ୍ଗଡ଼ା ପଞ୍ଚାୟତସ୍ଥ ଏହି ଗ୍ରାମରେ ପ୍ରତିବର୍ଷ ଧନୁ ସଂକ୍ରାନ୍ତିରେ ଧନୁପୂଜା ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ଲାଖବିନ୍ଧା ପ୍ରତିଯୋଗିତା ମଧ ଅନୁଷ୍ଠିତ ହେବ । ଗ୍ରାମରେ ବିଶ୍ୱାବସୁ ଓ ତାଙ୍କର କନ୍ୟା ଲଳିତା ଦେବୀଙ୍କର ପ୍ରତିମା ପୂଜା କରାଯାଉଛି । ଏହି ଧନୁପୂଜା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳନ କରାଯିବ। ତେଣୁ ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ଆୟୋଜକଙ୍କ ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି। ୩ ଦିନ ବ୍ୟାପୀ ଆୟୋଜିତ ଉତ୍ସବରେ ଦିନରାତି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ନାଟକ ଦାନବୀର ହରିଶ୍ଚନ୍ଦ୍ର ଓ ସାହାଡ଼ା ସୁନ୍ଦରୀ ମଞ୍ଚସ୍ଥ ହେବ ବୋଲି ବିଶ୍ୱାବସୁଙ୍କ ପ୍ରାଚୀନ ବାସସ୍ଥଳୀ ଉନ୍ନୟନ ପରିଷଦ ତରଫରୁ ପ୍ରକାଶ।

## କ୍ରିଏଟିଭ୍ ନୟାଗଡ଼ ପକ୍ଷରୁ ଆଲୋଚନାଚକ୍ର
# ଯୁବପିଢ଼ି ଖବରକାଗଜ ପ୍ରତି ଆକୃଷ୍ଟ ହେବା ଜରୁରୀ



ମୁଖ୍ୟବକ୍ତା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ନୟାଗଡ଼ ଅଫିସ,୧୨।୧୨**

କ୍ରିଏଟିଭ ନୟାଗଡ଼ ପକ୍ଷରୁ ମହାବିଦ୍ୟାଳୟ ସ୍ତରୀୟ ଆଲୋଚନାଚକ୍ର ବୁଧବାର ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କ୍ରିଏଟିଭ ନୟାଗଡ଼ର ଆବାହକ ଉତ୍ପଳ କୁମାର ସାହୁଙ୍କ ପୌରୋହିତ୍ୟରେ ହୋଇଥିବା ଏହି ଆଲୋଚନାଚକ୍ରରେ ଗାଁ ହାଟର ନିର୍ମାତା ତଥା ବୈଜ୍ଞାନିକ ରମେଶ ଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମ ସମ୍ପର୍କରେ ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ପ୍ରଦୀପ୍ତ କୁମାର ରଥ ଓ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ନାୟକ ଯୋଗ ଦେଇଥିଲେ। ଗଣତନ୍ତ୍ର ରାଷ୍ଟ୍ରରେ ଗଣମାଧ୍ୟମ ଓ ଯୁବଶକ୍ତିର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ସାଧାରଣ ବ୍ୟକ୍ତିକୁ ସୁରକ୍ଷା ଦେବାରେ ଗଣମାଧ୍ୟମର ଭୂମିକା ଉପରେ ମୁଖ୍ୟବକ୍ତା ରଥ ବକ୍ତବ୍ୟ ରଖିବା ସହ ଛାତ୍ରୀଛାତ୍ରମାନେ ଦେଶ ଦୁନିଆ ବିଷୟରେ ଜାଣିବା ପାଇଁ ପ୍ରତ୍ୟେକ ଦିନ ଖବର କାଗଜ ପଢ଼ିବା ସହ ନ୍ୟୁଜ ଦେଖିବା ଜରୁରୀ ବୋଲି ପ୍ରକାଶ କରିଥିଲେ। ଗଣମାଧ୍ୟମ ସମାଜରେ ପ୍ରମୁଖ ଭୂମିକା ଗ୍ରହଣ କରେ। ତେଣୁ ଛାତ୍ରୀଛାତ୍ରମାନଙ୍କୁ ଗଣମାଧ୍ୟମ ପ୍ରତି ସମ୍ବେଦନଶୀଳ କରିବାରେ ଅଧ୍ୟାପିକା ଅଧ୍ୟାପକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆବାହକ ଉତ୍ପଳ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଥିଲେ।

### ଗୋରୁ ଚୋରି ର୍ୟାକେଟ ସକ୍ରିୟ

**ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ଫାଣ୍ଡି ଅଞ୍ଚଳରେ ଡକାୟତି ଆଦି ଅସାମାଜିକ କାର୍ଯ୍ୟକଳାପ ବଢ଼ୁଥିବା ବେଳେ ସମ୍ପ୍ରତି ଗୋରୁ ଚୋରି ର୍ୟାକେଟ୍ ସକ୍ରିୟ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଗତବର୍ଷ ଘୁଷୁରି ଚୋରି ହୋଇଥିବା ବେଳେ ଏବେ ଗୁହାଳ ଏବଂ ରାସ୍ତାରେ ବୁଲୁଥିବା ଗୋରୁଗାଈଙ୍କୁ ଉଠାଇ ନେଉଥିବା ନେଇ ଜନ ଅସନ୍ତୋଷ ବୃଦ୍ଧିପାଉଛି। ରବିବାର ରାତିରେ କଣ୍ଟିଲୋ ପଞ୍ଚାୟତସ୍ଥ କୃଷ୍ଣେଶ୍ୱରପାଟଣା ଗ୍ରାମର ସହଦେବ ବେହେରାଙ୍କ ଏକ ଗାଈ ଏବଂ ସାନବାଣପୁର ଗ୍ରାମ ଜଗନ୍ନାଥ ସାହିର ସୁବାସ ସ୍ୱାଇଁଙ୍କ ଏକ ବଳଦକୁ ଗୁହାଳରୁ ପିକ୍‌ଅପ୍ ଭ୍ୟାନ୍ ଯୋଗେ ଚୋରି କରାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଗୁଡ଼ିକର ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା ବୋଲି ଅନୁମାନ କରାଯାଇଛି। ୩ ମାସ ତଳେ ବାଣପୁର ଗ୍ରାମ ନୂଆସାହିର ବଂଶୀଧର ପ୍ରଧାନଙ୍କ ଏକ ସିନ୍ଧି କିସମ ଗାଈକୁ ମଧ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି।

### ଟିଭିଏସ୍ ଏକ୍ସଏଲ୍ ଆଇ ଟଚ୍ ଷ୍ଟାର୍ଟର ବଜାର ପ୍ରବେଶ

**ନୟାଗଡ଼ ଅଫିସ,୧୨।୧୨**

ଟିଭିଏସ ମୋଟର କମ୍ପାନୀ ପକ୍ଷରୁ ଟିଭିଏସ ଏକ୍ସଏଲ୍ ୧୦୦ ହେଭି ଡ୍ୟୁଟି ଆଇ ଟଚ ଷ୍ଟାର୍ଟର ନୟାଗଡ଼ରେ ବଜାର ପ୍ରବେଶ କରିଛି। ନୟାଗଡ଼ ସହରରେ ଥିବା କୁମାର ଟିଭିଏସ ଶୋ'ରୁମ୍‌ଠାରେ କମ୍ପାନୀର ଓଡ଼ିଶା ଏରିଆ ପରିଚାଳକ ବାପି ରାଜୁ, ଟେରିଟୋରି ପରିଚାଳକ ବରୋଦା ଜେନା ଏବଂ କୁମାର ଟିଭିଏସ୍‌ର ପରିଚାଳକ ରଜତ ମହାପାତ୍ର ଏହାର ବଜାର ପ୍ରବେଶ କରାଇଛନ୍ତି। ଏହା ପ୍ରଥମ ଇଲେକ୍ଟ୍ରିକ୍ ଷ୍ଟାର୍ଟ ପ୍ରଯୁକ୍ତ ଆଇଟଚ ଷ୍ଟାର୍ଟ ସହ ଆସିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିଲା। ପ୍ରଥମ ଥର ଷ୍ଟାର୍ଟର ଜେନେରେଟର ସହ ଏହାକୁ ସମନ୍ୱିତ କରାଯାଇଛି। ଗ୍ରାହକମାନଙ୍କୁ ଏଥିରେ ହାଇ ସ୍ପାର୍କ ଇଞ୍ଜିନ, ଉନ୍ନତ ପିକଅପ୍ ଥିବା ସୂଚନା ପ୍ରଦାନ କରାଯାଇଥିଲା। ଶୋ'ରୁମ ମୂଲ୍ୟ ୩୬ ହଜାର ୯୧୬ଟଙ୍କା ରହିଥିବା ବେଳେ ଗ୍ରାହକମାନଙ୍କ ଦ୍ୱାରା ଏହା ଆଦୃତ ହେବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କୁମାର ଟିଭିଏସ୍ ତରଫରୁ ଦୁର୍ଗାପୂଜାରେ ବିକ୍ରି ହୋଇଥିବା ଗାଡ଼ିର ଗ୍ରାହକମାନଙ୍କ ପାଇଁ ଲକି ଡ୍ର ଉଠାଣ ବ୍ୟବସ୍ଥା କରାଯାଇଥିଲା। ଏହି ଲକି ଡ୍ର ଉଠାଣରେ ସୁକାନ୍ତ ମହାନ୍ତି ପ୍ରଥମ ହୋଇଥିବା ବେଳେ ରାଉଳ ପ୍ରଧାନ ଦ୍ୱିତୀୟ ଏବଂ ଉମା ଶଙ୍କର ପାତ୍ର ତୃତୀୟ ଭାଗ୍ୟଶାଳୀ ବିଜେତା ହୋଇଛନ୍ତି।



ବଜାର ପ୍ରବେଶ ଉତ୍ସବରେ କମ୍ପାନୀର ପଦାଧିକାରୀ ଓ ଗ୍ରାହକମାନେ।

# ଜିଲାପାଳଙ୍କ ନିର୍ଦ୍ଦେଶକୁ ସିଡିଏମ୍‌ଓଙ୍କ ଅବମାନନା

**ଭାପୁର,୧୨।୧୨(ଡି.ଏନ୍.ଏ.):** ଭାପୁର ବ୍ଲକସ୍ଥିତ ୪ ଡାକ୍ତରଖାନାରେ ମାତ୍ର ୨ ଜଣ ଏଲୋପ୍ୟାଥି ଡାକ୍ତର ରହିଥିବା ବେଳେ ସେଥିରୁ ଜଣଙ୍କୁ ବଦଳି କରାଯାଇଛି। ଏହାର ବିରୋଧରେ ଜନସାଧାରଣ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ ଭାପୁରରୁ କୌଣସି ଡାକ୍ତରଙ୍କୁ ବଦଳି ନ କରିବା ପାଇଁ ଜିଲାପାଳ ନୟାଗଡ଼ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବେ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ବ୍ଲକରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ତେବେ ନିମାଣୀ, ବାଘୁଆପଲ୍ଲୀ ଡାକ୍ତରଖାନାରେ କୌଣସି ଡାକ୍ତର ନ ଥିବା ବେଳେ ଭାପୁରରେ ଡ.ଅନ୍ନଦା ପ୍ରସାଦ ତ୍ରିପାଠୀ ଓ ପଦ୍ମାବତୀରେ ଡ. ପ୍ରଦୀପ କୁମାର ପାଇକରାୟ ରହିଛନ୍ତି। ଡ. ପ୍ରଦୀପ ପାଇକରାୟ ପଦ୍ମାବତୀରେ ଗୋଟିଏ ଓଳି ଓ ଅନ୍ୟ ଓଳି ଭାପୁରରେ ରୋଗୀ ସେବା ଯୋଗାଇଥାନ୍ତି। କିନ୍ତୁ ଡାକ୍ତର ପାଇକରାୟଙ୍କୁ ଖଣ୍ଡପଡ଼ା ଡାକ୍ତରଖାନାକୁ ବଦଳି କରାଯାଇଥିଲା। ଏହାକୁ ବିରୋଧ କରି ସୋମବାର ଜିଲାପାଳ ଡ.ଏନ୍.ତିରୁପତି ନାୟକ ସୋମବାର ଭାପୁରଠାରେ କରିଥିବା ଅଭିଯୋଗ ଶୁଣାଣି ଶିବିରରେ ଜନସାଧାରଣ ଲିଖିତ ଭାବେ ଡ.ପାଇକରାୟଙ୍କୁ ବଦଳି ନ କରିବାକୁ ଆପତ୍ତି କରିଥିଲେ। ଶିବିରରେ ଉପସ୍ଥିତ ଥିବା ନୟାଗଡ଼ ସିଡିଏମ୍‌ଓ ଡ.ଫଣୀନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ଡ.ପାଇକରାୟଙ୍କ ବଦଳି ନ କରିବା ସହ ଭାପୁରର ଅନ୍ୟ କୌଣସି ଡାକ୍ତରଙ୍କ ବଦଳି ନ କରିବାକୁ ଲିଖିତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସିଡିଏମ୍‌ଓ ମଙ୍ଗଳବାର ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏକମାତ୍ର ଡାକ୍ତର ତ୍ରିପାଠୀଙ୍କୁ ଖଣ୍ଡପଡ଼ା ବଦଳି ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଦେଢଲକ୍ଷ ଲୋକଙ୍କ ସ୍ୱାର୍ଥକୁ ବାଦ ଦିଆଯାଇଥିବା ଅଭିଯୋଗ ହୋଇଛି।

### ଖୋଲିବ ଆହାର କେନ୍ଦ୍ର

**ଖଣ୍ଡପଡ଼ା,୧୨।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରରେ ଖୁବ୍‌ଶୀଘ୍ର ଏକ ଆହାର କେନ୍ଦ୍ର ଖୋଲିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ସହରରେ ଆହାର କେନ୍ଦ୍ର ଖୋଲିବା ନେଇ ନୟାଗଡ଼ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡ଼ଙ୍ଗୀଙ୍କଠାରୁ ପ୍ରକାଶ। ୨୦୧୯ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସଠାରୁ ପ୍ରାୟ ୫୦ ଜଣଙ୍କ ପାଇଁ ଆହାର କେନ୍ଦ୍ରରେ ଭୋଜନର ବ୍ୟବସ୍ଥା କରାଯିବ। ଏଥିପାଇଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

# ୨୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ

**ନୟାଗଡ଼ ଅଫିସ,୧୨।୧୨**

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ପିଟିଏସ୍ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନରସିଂହ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କ୍ରୀଡ଼ା ଉତ୍ସବରେ ଏସ୍‌ପି ଶଶିଭୂଷଣ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖେଳକୁଦ ଦ୍ୱାରା ପିଲାମାନେ ସୁସ୍ଥ ରହିପାରିବେ ଓ ଶୃଙ୍ଖଳିତ ଛାତ୍ର ସମାଜ ଗଠନ ଦ୍ୱାରା ଉତ୍ତମ ରାଷ୍ଟ୍ର ନିର୍ମାଣ ହେବ ବୋଲି ଶତପଥୀ ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ହରପ୍ରସାଦ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନାଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତିର ସମ୍ପାଦକ ଶାନ୍ତନୁ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗ ନେଇ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ।


ଜଣେ ଛାତ୍ରୀ ନିଜର ପ୍ରତିଭା ଦେଖାଉଛନ୍ତି।

# ଭାଜପା ନେତାଙ୍କୁ ବିଡିଓଙ୍କ ଗାଳିଗୁଲଜ ଅଭିଯୋଗ
## ଥାନାରେ ପାଲଟା ଅଭିଯୋଗ କଲେ ବିଡିଓ

**ଦଶପଲ୍ଲା,୧୨।୧୨(ଡି.ଏନ.ଏ.)**

ନୟାଗଡ ଜିଲା ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଭାଜପା ନେତା ରାଘବ ମଲ୍ଲିକଙ୍କୁ ବିଡିଓ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ମଲ୍ଲିକ ଅଭିଯୋଗ କରିଛନ୍ତି । ଭାଜପା ନେତା ମଲ୍ଲିକ ମଧ ବିଡିଓଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ବିଡିଓ ଦଶପଲ୍ଲା ଥାନାରେ ପାଲଟା ଅଭିଯୋଗ କରିଛନ୍ତି । ରାଘବଙ୍କ ଅଭିଯୋଗ ଅନୁଯାୟୀ ମଧ୍ୟଖଣ୍ଡ, ଘୋଳାହାଣ୍ଡି, କିଳାପଦର ପ୍ରଭୃତି ଅଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଡିଓଙ୍କୁ ଅଭିଯୋଗ କରିବା ପାଇଁ ମଲ୍ଲିକ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ । ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨.୫୦ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ ବିଡିଓଙ୍କ ସହିତ ସାକ୍ଷାତ ହୋଇପାରି ନ ଥିଲା । ବାରମ୍ବାର ପିଅନଙ୍କ ହାତରେ ଖବର ଦିଆଯିବା ପରେ ବିଡିଓ ଅଫିସ ବାହାରକୁ ଆସି ଭାଜପା ନେତା ମଲ୍ଲିକଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ନେଇ ବ୍ଲକ କାର୍ଯ୍ୟାଳୟଠାରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା । ବିଡିଓ ଦେବୀ ପ୍ରସାଦ ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ ମଲ୍ଲିକ ବହୁ ଲୋକଙ୍କୁ ଧରି ଅଫିସ ମଧ୍ୟକୁ ଧସେଇ ପଶିବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ । ପ୍ରତିବାଦ କରିବାରୁ ସେ ହତ୍ୟା ଧମକ ଦେଇଥିଲେ ବୋଲି ବିଡିଓ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ମଲ୍ଲିକ କହିଛନ୍ତି, ୨୪ ଘଣ୍ଟା ମଧ୍ୟରେ ଯଦି ଏହାର ପ୍ରତିକାର କରା ନ ଯାଏ ତେବେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ । ବିଡିଓଙ୍କୁ ପଚରାଯିବାରୁ ସେ କହିଥିଲେ, ରାଘବ ମଲ୍ଲିକଙ୍କୁ ଯଦି ଶୀଘ୍ର ଗିରଫ କରା ନ ଯାଏ ତେବେ ବ୍ଲକ କର୍ମଚାରୀ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ । ଦଶପଲ୍ଲା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କୁ ଯୋଗାଯୋଗ କରିବାରେ ସେ କହିଥିଲେ, ରାଘବ ମଲ୍ଲିକ ଓ ବିଡିଓଙ୍କ ଅଭିଯୋଗ ମିଳିଛି । ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

